## ଅଲ୍ଲାଃ ତାଲାଙ୍କ ବାଣୀ

وَقَالُوْا لَوْلَآ اُنْزِلَ عَلَيْهِ مَلَكٌ ؕ وَلَوْ اَنْزَلْنَا مَلَكًا لَّقُضِيَ الْاَمْرُ ثُمَّ لَا يُنْظَرُوْنَ ۝

(سورۃ الانعام:9)

ଅନୁବାଦ- ଏବଂ (ବିରୋଧୀମାନେ) କହୁଛନ୍ତି; ‘‘ତାହାଙ୍କ ନିକଟରେ କାହିଁକି କୌଣସି ଦେବଦୂତ ଅବତୀର୍ଣ୍ଣ ହେଉନାହାନ୍ତି ?’’ ଏବଂ ଯଦି ଆମ୍ଭେ ଦେବଦୂତ ଅବତୀର୍ଣ୍ଣ କରିଥାନ୍ତୁ ତେବେ ନିଷ୍ପତି ହୋଇଯାଇଥାନ୍ତା (ଏବଂ) ତା’ ପରେ ସେମାନଙ୍କୁ ଆଉ ଅବସର ଦିଆଯାଇନଥା’ନ୍ତା ।

*(ସୁରଃ- ଅଲ୍‌ଆନମ୍:୯)*


بِسْمِ اللّٰہِ الرَّحْمٰنِ الرَّحِیْمِ    نَحْمَدُہٗ وَنُصَلِّی عَلٰی رَسُوْلِہِ الْکَرِیْمِ    وَعَلٰی عَبْدِہِ الْمَسِیْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସଂଖ୍ୟା 50

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16 ଡ଼ିସେମ୍ବର 2021 | 16 ଫତହ୍ 1400 ହି.ଶ | 11 ଜମାଦିଲ୍ ଅୱ୍ୱଲ୍ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ<sup></sup>

ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି’ଉମ୍‌ରିହି ୱ ଅମ୍‌ରିହି ॥

**ମହାଭାଗ ସ:ଆ:ସଙ୍କ ଚରିତ୍ରର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ଫଳତଃ ତାଙ୍କର ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ସେଥିପାଇଁ ସେ ଏମିତି ସାହାସ ଓ ସ୍ଥିରତା ଦେଖାଇଲେ ଯେ ଆଁ ହଜରତ ସ:ଆ:ସ ପରେ ଏହାର ଦୃଷ୍ଟାନ୍ତ ମିଳିବା କଷ୍ଟକର ।**

**ମୁଁ ସତ୍ୟ କହୁଅଛି ଯେ ଅବୁବକର ସିଦ୍ଦିକ୍ ର:ଅ ହେଉଛନ୍ତି ଇସ୍‌ଲାମ୍ ନିମନ୍ତେ ଆଦମେ ସାନି (ଅର୍ଥାତ ଦ୍ୱିତୀୟ ଆଦମ୍) ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ସେ ସମୟରେ ମଧ୍ୟ ମୁସେଲିମା ଲୋକମାନଙ୍କୁ ଅବୈଧ ଓ ଘୃଣିତ ଢ଼ଙ୍ଗରେ ଏକତ୍ରିତ କରି ରଖିଥିଲା । ଏହିପରି ସମୟରେ ଯେବେ ହଜରତ ଅବୁବକର ର:ଅ ଖଲିଫା ହୋଇଥିଲେ, ମଣିଷ ଚିନ୍ତା କରିପାରୁଥିବ ଯେ ସେତେବେଳେ କେଉଁ ପ୍ରକାରର ଅସୁବିଧା ଉପୁଜିଥିବ । ଯଦି ତାଙ୍କର ହୃଦୟ ଦୃଢ଼ ହୋଇନଥାନ୍ତା ଓ ତାଙ୍କର ବିଶ୍ୱାସ ପୈଗମ୍ବର ସ:ଆ:ସଙ୍କ ବିଶ୍ୱାସ ପରି ନ ହୋଇଥାନ୍ତା ତା’ହେଲେ ବହୁତ ଅସୁବିଧା ହୋଇଥାନ୍ତା ଓ ସେ ଘାବରେଇ ଯାଇଥାନ୍ତେ । କିନ୍ତୁ ସିଦ୍ଦିକ୍ ର:ଅ ନବୀ ସ:ଆ:ସଙ୍କ ପଡ଼ୋଶୀ ଥିଲେ । ମହାଭାଗ ସ:ଆ:ସଙ୍କ ଚରିତ୍ରର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ଫଳତଃ ତାଙ୍କର ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ସେଥିପାଇଁ ସେ ଏମିତି ସାହାସ ଓ ସ୍ଥିରତା ଦେଖାଇଲେ ଯେ ଆଁ ହଜରତ ସ:ଆ:ସ ପରେ ଏହାର ଦୃଷ୍ଟାନ୍ତ ମିଳିବା କଷ୍ଟକର । ତାଙ୍କର ମୃତ୍ୟୁ ଇସ୍‌ଲାମ ପାଇଁ ଜୀବନ ଥିଲା । ଏହା ଏପରି ଏକ ବିଷୟ ବସ୍ତୁ ଯାହା ଉପରେ ଅଧିକ ଆଲୋଚନା କରିବାର ଆବଶ୍ୟକତା ନାହିଁ । ସେ ସମୟର ପରିସ୍ଥିତିକୁ ଅନୁଧ୍ୟାନ କରନ୍ତୁ ଏବଂ ଇସ୍‌ଲାମ୍‌ର ଯେଉଁ ସେବା ହଜରତ ଅବୁବକର ର:ଅ କରିଛନ୍ତି, ତାହାର ମୂଲ୍ୟାଙ୍କନ କରନ୍ତୁ । ମୁଁ ସତ୍ୟ କହୁଅଛି ଯେ ଅବୁବକର ସିଦ୍ଦିକ୍ ର:ଅ ହେଉଛନ୍ତି ଇସ୍‌ଲାମ୍ ନିମନ୍ତେ ଆଦମେ ସାନି (ଅର୍ଥାତ ଦ୍ୱିତୀୟ ଆଦମ୍) । ମୁଁ ଏ ଦୃଢ଼ ବିଶ୍ୱାସ ରଖିଛି ଯେ ଯଦି ଆଁ ହଜରତ ସ:ଆ:ସଙ୍କ ପରେ ଅବୁବକର ସିଦ୍ଦିକ୍ ର:ଅଙ୍କର ଅସ୍ତିତ୍ୱ ନଥାନ୍ତା ତା’ହେଲେ ଇସ୍‌ଲାମ୍ ବି ନଥାନ୍ତା ଏବଂ ହଜରତ ଅବୁ ବକରଙ୍କର ଏହା ବହୁତ ବଡ଼ ଅନୁଗ୍ରହ ଯେ ସେ ଇସ୍‌ଲାମ୍‌ର ପୁନଃ ପ୍ରତିଷ୍ଠା କଲେ । ନିଜର ଦୃଢ଼ ବିଶ୍ୱାସ ଯୋଗୁଁ ସମସ୍ତ ବିଦ୍ରୋହୀମାନଙ୍କୁ ଦଣ୍ଡ ଦେଲେ ଏବଂ ଶାନ୍ତି ପ୍ରତିଷ୍ଠା କଲେ । ଠିକ୍ ସେହିପରି ଯେପରି ସର୍ବଶକ୍ତିମାନ ପରମେଶ୍ୱର କହିଥିଲେ ଯେ ପ୍ରତିଶୃତି ଦେଇଥିଲେ ଯେ ମୁଁ ପ୍ରକୃତ ଖଲିଫାଙ୍କ ଉପରେ ଶାନ୍ତି ପ୍ରତିଷ୍ଠା କରିବି । ଏହି ଭବିଷ୍ୟବାଣୀ ହଜରତ ସିଦ୍ଦିକ୍ ର:ଅଙ୍କ ଖିଲାଫତରେ ପୂର୍ଣ୍ଣ ହୋଇଥିଲା ଏବଂ ଆକାଶ ଓ ପୃଥିବୀ ପ୍ରକାଶ୍ୟରେ ଏଥିପାଇଁ ସାକ୍ଷ୍ୟ ଦେଲେ । ସୁତରାଂ ଏହା ହେଉଛି ସିଦ୍ଦିକ୍‌ର ସଂଜ୍ଞା, ଯେଉଁଥିରେ ସତ୍ୟତା ଏପରି ସ୍ତର ଓ ଏପରି ସିଦ୍ଧତାର ସହିତ ରହିବା ଉଚିତ । ଦୃଶ୍ୟ ଦ୍ୱାରା ଖୁବ୍ ଶିଘ୍ର ସମସ୍ୟାଗୁଡ଼ିକର ସମାଧାନ ହୋଇଯାଇଥାଏ । ***(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୩୪୪, ମୁଦ୍ରିତ କାଦିଆନ୍ ୨୦୧୮)***

**ଯେବେ ଅଲ୍ଲାଃ ତାଲାଙ୍କ ତରଫରୁ କୌଣସି ପ୍ରତିଶୃତି ମିଳେ, ସେତେବେଳେ ବିଶେଷ ଭାବରେ ପ୍ରାର୍ଥାନ ଓ ଈଶ୍ୱର ଉପାସନାରେ ଲାଗି ରହିବା ଉଚିତ ଯଦ୍ୱାରା ସେହି ପ୍ରତିଶଅତି ସମସ୍ତ ପ୍ରକାର ଉତମତାର ସହିତ ପୂରଣ ହେବ । ଏହାର ଅର୍ଥ ନୁହେଁ ଯେ ଅନ୍ୟ ଦିନମାନଙ୍କରେ ଉପାସନାକୁ ଛାଡ଼ିଦିଆଯାଇପାରେ ବୋଲି ବରଂ ଏହାର ଅର୍ଥ ହେଉଛି ସାଧାରଣ ଦିନମାନଙ୍କ ଅପେକ୍ଷା ଅଧିକ ଇବାଦତ ଓ ଧ୍ୟାନ କରିବା ।**

ସୟଦନା ହଜରତ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍ ଆୟତ ନଂ-୧ ୦ ୦ **ୱ୍‌ଆବୁଦ୍ ରବ୍‌ବକା ହତ୍‌ତା ୟାତିୟକଲ୍ ୟକିନ୍** ର ବ୍ୟାଖ୍ୟା କରି କହିଛନ୍ତି:- ଏଠାରେ “ୟକିନ୍” ଶବ୍ଦର ଅର୍ଥ ହେଉଛି ମୃତ୍ୟୁ । ଅଲ୍ଲାଃ ତାଲା କହୁଛନ୍ତି ଯେ ଏବେ ତୁମେ ମୃତ୍ୟୁ ପର୍ଯ୍ୟନ୍ତ ଆମ୍ଭ ଉପାସନାରେ ଲାଗି ରୁହ । ଅର୍ଥାତ ଇସ୍‌ଲାମ୍‌କୁ ଯେଉଁ ଉନ୍ନତି ମିଳିବ ସେଥିରେ ଏବେ କୌଣସି ପ୍ରତିବନ୍ଧକ ରହିବ ନାହିଁ ଏବଂ ତୁମେ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ଉପାସନା ଖୋଲାଖୋଲି ଭାବରେ କରିପାରିବ । ଯେଉଁ ଲୋକମାନେ ଏବେ ତୁମ ଈଶ୍ୱର ଉପାସନା କରିବାରେ ପ୍ରତିବନ୍ଧକ ସାଜୁଛନ୍ତି, ସେମାନଙ୍କୁ ପରମେଶ୍ୱର ଏପରି ଭାବରେ ବିନାଶ କରିଦେବ ଯେ ତୁମର ସାରା ଜୀବନ ଈଶ୍ୱର ଉପାସନାର ସ୍ୱାଧିନତା ଦୃଷ୍ଟିକୋଣରୁ ସହଜ ଓ ଆରାମ୍‌ରେ ବିତିଯିବ । “ୟକିନ୍”ର ସାର୍ବଜନୀନ ଅର୍ଥ ମଧ୍ୟ ଏଠାରେ କରାଯାଇପାରେ । ଏପରି କ୍ଷେତ୍ରରେ ଏହାର ଅର୍ଥ ଏମିତି ହେବ ଯେ ପ୍ରତିଶୃତି ଦିଆଯାଇଥିବା ଘଡ଼ି/ସମୟ ପର୍ଯ୍ୟନ୍ତ ବିଶେଷ ଭାବରେ ମଗ୍ନ ରୁହ । ଏଠାରେ ଐଶିଦଣ୍ଡ ବା ଶେଷ ସମୟ (ଅର୍ଥାତ କୟାମତ୍)ର ଲକ୍ଷଣ ପ୍ରକାଶ ହେବାର ନାମ “ୟକିନ୍” ରଖିଛନ୍ତି । କାରଣ ଯେ ପର୍ଯ୍ୟନ୍ତ ପ୍ରତିଶୃତି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ତାହାର ସମ୍ପୁର୍ଣ୍ଣ ସତ୍ୟାସତ୍ୟ ପ୍ରକାଶ ହୋଇନଥାଏ । ଅତଏବ କହିଲେ ଯେ ଯେବେ ଅଲ୍ଲାଃ ତାଲାଙ୍କ ତରଫରୁ ଏ ପ୍ରତିଶୃତି ଥାଏ ସେତେବେଳେ ବିଶେଷ ଭାବରେ ପ୍ରାର୍ଥନା ଓ ଈଶ୍ୱର ଉପାସନାରେ ଲାଗି ରହିବା ଉଚିତ ଯଦ୍ୱାରା ସେହି ପ୍ରତିଶୃତି ପ୍ରତି କ୍ଷେତ୍ରରୁ ଉତମତାର ସହିତ ପୂରଣ ହୋଇଯାଉ ।

## ନବୀ ସ:ଆ:ସଙ୍କ ବାଣୀ

### ହଜ୍‌ରେ ଅସ୍‌ୱଦ୍ (କଳା ପଥର)କୁ ଚୁମ୍ବନ ଦେବା

(୧୫୯୭) ହଜରତ ଉମର ର:ଅଙ୍କଠାରୁ ବର୍ଣ୍ଣିତ ରହିଛି ଯେ ସେ ହଜ୍‌ରେ ଅସ୍‌ୱଦ୍ ନିକଟକୁ ଗଲେ ଓ ତାକୁ ଚୁମ୍ବନ ଦେଲେ ପୁଣି କହିଲେ:- ମୁଁ ଭଲ ଭାବରେ ଏହା ଜାଣିଛି ଯେ ତୁ ହେଉଛୁ ଗୋଟିଏ ପଥର । ନା ତୁ କାହାକୁ କ୍ଷତି ପହଂଚାଇ ପାରିବୁ ନା ଲାଭ । ଯଦି ମୁଁ ନବୀ ସ:ଆ:ସଙ୍କୁ ତତେ ଚୁମ୍ବନ ଦେବାର ନ ଦେଖିଥାନ୍ତି ତା’ହେଲେ ତତେ କଦାପି ଚୁମ୍ବନ ଦେଇନଥାନ୍ତି ।

ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ୱଲି ଅଲ୍ଲାଃ ଶାହ୍ ର:ଅ ଏହି ହଦିସ୍‌ର ବ୍ୟାଖ୍ୟା କରି କହିଛନ୍ତି:- ମୁଶ୍‌ରିକ୍ (ଅନେକେଶ୍ୱରବାଦୀ) ଜାତି, ଆରବୀୟ ତଥା ଅଣଆରବୀୟମାନେ ଛିଡ଼ା ହୋଇଥିବା ପଥରକୁ ପୂଜା କରୁଥିଲେ ଓ ସେଗୁଡ଼ିକୁ ଲାଭ ଓ କ୍ଷତିର ମାଲିକ ବୋଲି ବିବେଚନା କରୁଥିଲେ । ହଜରତ ଉମର ର:ଅ ସେମାନଙ୍କର ବହୁ ଈଶ୍ୱରବାଦ ଧାରଣାକୁ ରଦ୍ଦ କରିଦେଲେ ଯଦ୍ୱାରା ଏହି ପଥର ସମ୍ବନ୍ଧରେ ମୁସଲମାନମାନଙ୍କ ମଧ୍ୟରେ ଥିବା ଅଜ୍ଞାନମାନଙ୍କ ମନରେ କୌଣସି ଭୂଲ ବୁଝାମଣା ନ ରହିଯାଉ । ଈଶ୍ୱର ଉପାସନାରେ ଈଶ୍ୱରଙ୍କ ପ୍ରଶଂସାଗାନ, ନମ୍ରତା, ଆଶା ଓ ଭରସା ଏବଂ ପ୍ରାର୍ଥନା ରହିଥାଏ ଏବଂ ଏହି କଥନରେ କୌଣସି ମତେ ମଧ୍ୟ ହଜ୍‌ରେ ଅସ୍‌ୱଦ୍‌କୁ ଚୁମ୍ବନ ଦେବା ତଥା ଛୁଇଁବା ସହିତ କଦାପି କୌଣସି ସମ୍ପର୍କ ନାହିଁ ଏବଂ ନା ହଜ୍‌ରେ ଅସୱଦ୍‌କୁ ଚୁମ୍ବନ ଦେବା ବା ସ୍ପର୍ଶ କରିବା ପାଇଁ ଖାସ୍ ରହିଛି । ବରଂ କିଛି ରିୱାୟତ୍‌ରୁ ଜଣାପଡୁଛି ଯେ ରୁକ୍‌ନେ ଇମାନିକୁ ମଧ୍ୟ ଚୁମ୍ବନ ଦିଆଯାଉଥିଲା ।

***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ କାଦିଆନ୍ ୨୦୦୮)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧ ୨ ୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨ ୦ ୨ ୧ ମସିହା ଡ଼ିସେମ୍ବର ମାସର ୨ ୪, ୨ ୫ ଏବଂ ୨ ୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବରକତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

ଏହାର ଅର୍ଥ ନୁହେଁ ଯେ ଅନ୍ୟ ଦିନଗୁଡ଼ିକରେ ଈଶ୍ୱର ଉପାସନା ସେ ପରିତ୍ୟାଗ କରିପାରିବ । କାରଣ ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ମଧ ରସୁଲେ୍ କରିମ୍ ସ:ଆ:ସ ଈଶ୍ୱର ଉପାସନା (ଇବାଦତ୍) କରୁଥିଲେ । ଅତଏବ ଏହାର ଅର୍ଥ ସାଧାରଣ ଅପେକ୍ଷା ଅଧିକ ଈଶ୍ୱର ଉପାସନା କରିବା ଓ ଅଧିକ ଧ୍ୟାନ କରିବା ।

ଏହି ଆୟତର ଅର୍ଥ କିଛି ଅଜ୍ଞ ଲୋକମାନେ ଏପରି କରିଥାନ୍ତି ଯେ ଯେପର୍ଯ୍ୟନ୍ତ ୟକିନ୍ (ବିଶ୍ୱାସ) ପ୍ରାପ୍ତ ହୋଇନାହିଁ ଇବାଦତ୍ ଅର୍ଥାତ ଈଶ୍ୱର ଉପାସନା ହେଉଛି ବାଧ୍ୟତାମୂଳକ । କିନ୍ତୁ ଯେତେବେଳେ "ୟକିନ୍" (ପୂର୍ଣ୍ଣ ବିଶ୍ୱାସ) ପ୍ରାପ୍ତ ହୋଇଯାଏ ସେତେବେଳେ ଈଶ୍ୱର ଉପାସନା କରିବା ବାଧ୍ୟତାମୂଳକ ନୁହେଁ । କାରଣ ଅଲ୍ଲାଃ ତାଲା କହିଛନ୍ତି ଯେ "ୟକିନ୍ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଈଶ୍ୱର ଉପାସନା କର" । ଏହି ଅଜ୍ଞ ଓ ଅବୋଧ ଲୋକମାନେ ଜାଣୁନାହାନ୍ତି ଯେ ଏପରି ସେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଆକ୍ରମଣ କରୁଛନ୍ତି । ସତେ ଯେପରି ସେମାନେ ଏହା କହୁଛନ୍ତି ଯେ ଏହି ସୁରଃ ଅବତୀର୍ଣ୍ଣ ହେବା ପର୍ଯ୍ୟନ୍ତ ମହାଭାଗ ସ:ଆ:ସଙ୍କୁ ପୂର୍ଣ୍ଣ ବିଶ୍ୱାସ ପ୍ରାପ୍ତ ହୋଇନଥିଲା ଯଦି ମୁହମ୍ମଦ ରସୁଲୁଲ୍ଲାଃ (ସ:ଆ:ସ)ଙ୍କୁ ନବୁଓ୍ୱତ୍ ପ୍ରାପ୍ତ ହେବା ପରେ ୟକିନ୍ ପ୍ରାପ୍ତ ହୋଇନଥିଲା ତେବେ ଏହି ନିଚ ଲୋକମାନଙ୍କୁ କିପରି ୟକିନ୍ (ବିଶ୍ୱାସ) ପ୍ରାପ୍ତ ହୋଇପାରିବ । **ନଉଜୁବିଲ୍ଲାହି ମିନ୍ ହାଜିହିଲ୍ ଖୁରାଫାତ୍ ।** ***(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୧୧୭, ମୁଦ୍ରିତ କାଦିଆନ୍ ୨୦୧୦)***

ହଜୁର କହିଲେ:- ଥରେ ମୁଁ ଜୁମା ନମାଜ ପଢ଼ାଇ ସାରିବା ପରେ ଜଣେ ସୁଫି ସ୍ୱଭାବର ବ୍ୟକ୍ତି ଆଗକୁ ବଢ଼ି କହିଲେ ଯେ ମୁଁ ଏକ ପ୍ରଶ୍ନ ପଚାରିବାକୁ ଚାହୁଁଛି । ମୁଁ କହିଲି ପଚାରନ୍ତୁ । ସେ କହିଲେ ଯଦି କୌଣସି ବ୍ୟକ୍ତି ନଦୀରେ ଯାତ୍ରା କରି କରି କୂଳରେ ପହଂଚିଯାଏ, ତା'ପରେ ସେ ନୌକାରେ ବସି ରହିବ ବା ତଳକୁ ଓହ୍ଲାଇପଡ଼ିବ ? ଯେତେବେଳେ ସେ ଏହି ପ୍ରଶ୍ନ କଲା ତତ୍‌କ୍ଷଣାତ୍ ଅଲ୍ଲାଃ ତାଲା ମତେ ଏହି ପ୍ରଶ୍ନର ଉଦ୍ଦେଶ୍ୟ ବୁଝାଇ ଦେଲେ । ବାସ୍ତବରେ ଏହା ସୁଫିମାନଙ୍କର ଏକ ପ୍ରତାରଣା ଯେଉଁଥିରେ ସେମାନେ ସାଧାରଣତଃ ଲିପ୍ତ ରହିଥାନ୍ତି ।

ସେମାନେ ଏହା କହିଥାନ୍ତି ଯେ ନମାଜ୍, ରୋଜା, ହଜ୍ ଏବଂ ଜକାତ୍‌ର ସ୍ଥିତି ବାହନ ସଦୃଶ । ଏହି ବାହନଗୁଡ଼ିକ ଆମକୁ ଆମ ପ୍ରିୟଙ୍କ ଦ୍ୱାର ଦେଶରେ ପହଂଚାଇବା ପାଇଁ ଅଛନ୍ତି । ଯଦି କୌଣସି ବ୍ୟକ୍ତି ନିଜ ପ୍ରିୟଙ୍କ ଦ୍ୱାର ଦେଶରେ ପହଂଚି ପୁଣି ବାହାନ ଉପରେ ବସି ରହେ ଓ ତଳକୁ ଓହ୍ଲାଇ ନଥାଏ ତା'ହେଲେ ସେ ଏକ ନମ୍ବର ଅହଂକାରୀ ଭାବରେ ବିବେଚିତ ହୋଇଥାଏ । ସେହିପରି ଯେତେବେଳେ ଜଣେ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରିନିଏ ସେତେବେଳେ ତାକୁ ଆଉ କୌଣସି ନମାଜ ଏବଂ ରୋଜାର ଆବଶ୍ୟକତା ପଡ଼େନାହିଁ । କାରଣ ସେ ଅଲ୍ଲାଃ ତାଲାଙ୍କ ଦ୍ୱାର ଦେଶରେ ପହଂଚି ସାରିଥାଏ । ଅତଏବ ଯେବେ ସେହି ଲୋକଜଣକ ଏହି ପ୍ରଶ୍ନ ପଚାରିଲେ, ତତ୍‌କ୍ଷଣାତ୍ ଅଲ୍ଲାଃ ତାଲା ଏହି ସମସ୍ତ କଥା ମୋ ଉପରେ ପ୍ରକାଶ କରିଦେଲେ ଓ ମୁଁ ତାକୁ କହିଲି ଯଦି ସେହି ନଦୀଟିର କୂଳ ଥିବ ତା'ହେଲେ ଅବଶ୍ୟ ସେହି ଯାତ୍ରୀ ଜଣକ ଓହ୍ଲାଇ ପଡ଼ିବା ଉଚିତ । କିନ୍ତୁ ଯଦି ସେହି ନଦୀଟି ଅସୀମିତ ଓ ତା'ର କୌଣସି କୂଳ ହିଁ ନାହିଁ, ତା'ହେଲେ ସେ ମନେ ରଖୁ ଯେ ଯେଉଁ ସ୍ଥାନରେ ସେ ତଳକୁ ଓହ୍ଲାଇବ, ସେଠାରେ ସେ ବୁଡ଼ିଯିବ । ଏବେ ଆପଣ ବତାନ୍ତୁ ଯେ ଯେଉଁ ନଦୀ ବିଷୟରେ ଆପଣ କହୁଛନ୍ତି ତାହା ସୀମିତ କି ଅସୀମିତ ? ସେ କହିଲେ ତାହା ଅସୀମିତ । ମୁଁ କହିଲି ତା'ହେଲେ ଅସୀମିତ ନଦୀରେ ମଣିଷ ଯେଉଁ ସ୍ଥଳେ ବି ତଳକୁ ଓହ୍ଲାଇବ ସେହି ସ୍ଥଳେ ବୁଡ଼ିଯିବ । ତେଣୁ ସେ ସେପର୍ଯ୍ୟନ୍ତ ସୁରକ୍ଷିତ ରହିଥିବ ଯେପର୍ଯ୍ୟନ୍ତ ସେ ଡ଼ଙ୍ଗାରେ ବସି ରହିଥିବ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୭, ପୃ-୧୮୬, ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ପ୍ରଦର୍ଶନ ହୋଇପାରିବ ସେଠାକାର ଅହେମଦୀ ଅଧିକ କୁର୍ବାନୀ କରିପାରିବେ କିନ୍ତୁ ଏହା ଉପରେ ଯେମିତି ଗୁରୁତ୍ୱ ଦେବା କଥା ସେମିତି ଗୁରୁତ୍ୱ ଦିଆଯାଉନାହିଁ । ଯଦି ସଠିକ୍ ଭାବରେ ମନଯୋଗ କରାଯାଏ ତେବେ ସେଠାରେ ତହ୍‌ରିକେ-ଏ-ଜଦିଦ୍ ବଜେଟ୍ ଆହୁରି ଅଧିକ ବଢ଼ିଯାଇପାରେ । ପୁଣି ବେନିନ, ୟୁଗାଣ୍ଡା, କେନିଆ ଏବଂ ଲାଇବେରିଆ ଦେଶ କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଅଂଶଗ୍ରହଣକାରୀଙ୍କ ଅଭିବୃଦ୍ଧି ଦୃଷ୍ଟିକୋଣରୁ ନାଇଜେରିଆ ପ୍ରଥମ ସ୍ଥାନ ଅଧିକାର କରିଛି ତା'ପରେ ଗାମ୍ବିୟା, ସେନିଗାଲ, ଘାନା, ତାଞ୍ଜାନିଆ, ଗିନୀ କନାକାରୀ, ମଲାଓ୍ୱି, ୟୁଗାଣ୍ଡା, ଗିନୀ ବସାଓ, କଙ୍ଗୋ କନ୍‌ଶାସା, ବୁରକିନା ଫାସୋ ଏବଂ କଙ୍ଗୋ ବ୍ରାଜଓ୍ୱେଲ୍ ଦେଶ କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ତହ୍‌ରିକେ ଜଦିଦ୍‌ର ଚାନ୍ଦାରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଫ୍ରିକା ମହାଦେଶ ବ୍ୟତିତ ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଂଶଗ୍ରହଣକାମାନଙ୍କର ଯେଉଁ ଅଭିବୃଦ୍ଧି ଘଟିଛି ସେହି ଦେଶଗୁଡ଼ିକ ହେଲେ ଜର୍ମାନୀ, ଇଂଲଣ୍ଡ, ହଲାଣ୍ଡ, ବାଙ୍ଗଲାଦେଶ ଓ ମାରିଶସ୍ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ଦଫ୍‌ତର୍ ଅଓ୍ୱଲ୍‌ର ସମସ୍ତ ଖାତା ଜାରି ରହିଛି ।

ଜର୍ମାନୀର ପ୍ରଥମ ଦଶଟି ଯମାତ ହେଉଛନ୍ତି (1) Rodermark (2) Neuss (3) Mehdi- Abad (4) Koln (5) Rodgau (6) Nidda (7) Florsheim (8) Pinneberg (9) Frnakenthal (10) Osnabruck ।

ଜର୍ମାନୀର ପ୍ରଥମ ଦଶଟି ସ୍ଥାନୀୟ ଇମାରତ୍‌ଗୁଡ଼ିକର ନାମ ହେଉଛି ଏପରି (1) Hamburg (2) Frnakfurt (3) Gross-Gerau (4) Dietzenbach (5) Wiesbaden (6) Morfelden (7) Riedstadt (8) Mannheim (9) Darmstadt (10) Russelsheim ।

ଆଦାୟ ଦୃଷ୍ଟିରୁ ପାକିସ୍ତାନରେ ତହ୍‌ରିକେ ଜଦିଦ୍‌ର ବଳିଦାନରେ ଯମାତ୍‌ଗୁଡ଼ିକ କୁର୍ବାନୀ କରିଛନ୍ତି ସେହି ଜମାତ୍‌ଗୁଡ଼ିକ କ୍ରମାନ୍ୱୟରେ ହେଉଛନ୍ତି ଏପରି (୧) ଲାହୋର, (୨)ରବ୍ୱାହ ଏବଂ (୩)କରାଚୀ । ପୁଣି ଜିଲ୍ଲାଗୁଡ଼ିକ କ୍ରମାନ୍ୱୟରେ ଏପରି ରହିଛି (୧)ଇସ୍‌ଲାମାବାଦ, (୨)ଗୁଜୁରାଓ୍ୱାଲା, (୩)ସିଆଲ୍‌କୋଟ, (୪)ଉମର୍‌କୋଟ୍, (୫)ମୁଲ୍‌ତାନ୍, (୬) ଟୋବାଟେକ୍‌ସିଂ (୭)ମୀର୍‌ପୁର୍ ଖାସ୍, (୮)ଅଟିକ୍, (୯)ମୀରପୁର, କଶ୍ମୀର ଏବଂ (୧୦)ରେ ଡ଼େରାଗାଜି ଖାନ୍ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

ଆଦାୟ ଦୃଷ୍ଟିରୁ ପାକିସ୍ତାନର ପ୍ରମୁଖ ବଳିଦାନକାରୀ ଯମାତ୍ ଗୁଡ଼ିକ ହେଲେ, ଅମାରତ୍ ଟାଉନ୍‌ଶିପ୍ ଲାହୋରା, ଅମାରତ୍ ଗୁଲ୍‌ଶନ୍ ଇକ୍‌ବାଲ୍ କରାଚୀ, ଅମାରତ୍ ଅଜିଜାବାଦ୍ କରାଚୀ, ଅମାରତ୍ ଟାଉନ୍‌ଶିପ୍ ଲାହୋର, ଅମରାତ୍ ମଡ଼େଲ୍ ଟାଉନ୍ ଲାହୋର୍, ଅମରାତ୍ ମୋଗଲ୍‌ପୁରାଃ ଲାହୋର, ଅମାରତ୍ ଦେହ୍‌ଲିଗେଟ୍ ଲାହୋର୍, ଅମରାତ୍ କ୍ଲିଫ୍‌ଟନ୍ କରାଚୀ, ବହାଓ୍ୱଲ୍ ନମର୍ ଶହର୍, ଏବଂ ହାଫିଜାବାଦ୍ ସହର ।

ବ୍ରିଟେନ୍‌ର ପ୍ରଥମ ପାଂଚଟି ରିଜିୟନ୍ (ଅଂଚଳ) ହେଉଛନ୍ତି ଏପରି (୧)ମସ୍‌ଜିଦ୍ ବଇତୁଲ୍ ଫୁତୁହ୍ ରିଜିୟନ୍, (୨) ମସ୍‌ଜିଦ୍ ଫଜଲ୍ ରିଜିୟନ୍ (୩)ଇସ୍‌ଲାମାବାଦ୍ ରିଜିୟନ୍ (୪) ମିଡ଼୍‌ଲ୍ୟାଣ୍ଡସ୍ ରିଜିୟନ୍ (୫) ବଇତୁଲ୍ ଏହ୍‌ସାନ୍ ରିଜିୟନ୍ ।

ସାମୁହିକ ଆଦାୟ ଦୃଷ୍ଟିରୁ ବ୍ରିଟେନ୍‌ର ପ୍ରଥମ ଦଶଗୋଟି ଯମାତ୍ ଗୁଡ଼ିକ ଯଥାକ୍ରମେ ଏପରି ସ୍ଥାନ ଅଧିକାର କରିଛନ୍ତି: 1. Farnham, 2. Islamabad, 3. South Cheam, 4. Fazal Mosque, 5. Worcester Park, 6. Brimingham, 7. South Walsall, 8. Abdershot, 9. Gillingham, 10. Tilford ଇତ୍ୟାଦି ।

ସାମୁହିକ ଆଦାୟ ଦୃଷ୍ଟିରୁ ଆମେରିକାର ପ୍ରମୁଖ ଜମାତ୍‌ଗୁଡ଼ିକ ହେଲେ ମ୍ୟାରିଲ୍ୟାଣ୍ଡ, ଲସ୍ ଏଞ୍ଜେଲସ୍, ଡ଼େଟ୍ରଏଟ୍, ସିଲିକନ୍ ଭ୍ୟାଲି, ଚିକାଗୋ, ସିଟଲ୍, ସେଂଟ୍ରାଲ୍ ଭର୍ଜିନିଆ, ଓଶ୍‌କୋଶ୍, ଆଟ୍‌ଲାଂଟ୍, ଜର୍ଜୟା, ସାଉଥ୍ ଭର୍ଜିନିୟା, ହ୍ୟୁଷ୍ଟନ୍, ୟର୍କ (York)ଓ ଆଉ ଶେଷରେ ବୋଷ୍ଟନ ।

ଆଦାୟ ଦୃଷ୍ଟିରୁ କାନେଡ଼ାର ଆଚଂଳିକ ଅମାରତ୍ ଗୁଡ଼ିକର କ୍ରମ ହେଉଛି ଏପରି 1. Vaughan, 2. Pease Village, 3. Calgary, 4. Vancouver, 5. Toronto West, 6. Toronto ।

ଭାରତର ପ୍ରଥମ ଦଶଟି ଯମାତଗୁଡ଼ିକ ମଧ୍ୟରେ ସ୍ଥାନ ଅଧିକାର କରିଥିବା ଯମାତ୍‌ଗୁଡ଼ିକ ହେଲେ (୧)କାଦିୟାନ୍, (୨)କୋଏମ୍ବଟୁର୍, (୩)ହାଇଦ୍ରାବାଦ୍, (୪)କୋରଲାଇ, (୫)ପିଥାପରମ୍, (୬)କଲିକତା, (୭)ବାଙ୍ଗାଲୋର, (୮)କେରଙ୍ଗ, (୯)କାଲିକଟ୍, (୧୦)ମେଲାପାଲମ୍ । ବଳିଦାନ ଦୃଷ୍ଟିରୁ ଭାରତର ପ୍ରମୁଖ ଦଶଟି ରାଜ୍ୟ କ୍ରମନୁସାରେ ହେଉଛନ୍ତି ଏପରି:- କେରଳ, ତାମିଲନାଡୁ, ଜମ୍ମୁକଶ୍ମୀର, କର୍ଣ୍ଣାଟକ, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ଲକ୍ଷଦ୍ୱୀପ ଇତ୍ୟାଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଅଷ୍ଟ୍ରେଲିଆର ପ୍ରଥମ ଦଶଟି ଯମାତ କ୍ରମାନୁସାରେ ହେଉଛନ୍ତି ଏପରି:- 1. Melbourne Long Warren, 2. Castle Hill, 3. Marsden Park, 4. Melbourne Berwick, 5. Adelaide South, 6. Penrith, 7. ACT Canberra, 8. Paramatta, 9. Adelaide West.

ଅଲ୍ଲାଃ ତାଲା ସମସ୍ତ ବଳିଦାନକାରୀଙ୍କ ବଳିଦାନକୁ ଗ୍ରହଣ କରନ୍ତୁ ଏବଂ ସେମାନଙ୍କ ଧନଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# ଜରୁରୀ ଘୋଷଣା

## ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜରତ ଆଇଶା ର:ଅ କହିଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ମୁଁ ଏହା ଅବଲୋକନ କରିପାରୁଛି ଯେ ଜିନ୍ନ ଏବଂ ମନୁଷ୍ୟମାନଙ୍କର ଶୈତାନ୍ ଉମର୍‌ଙ୍କଠାରୁ ଭୟରେ ପଳାୟନ କରୁଛନ୍ତି ।

'ଉମର୍ ବିନ୍ ଖତାବ୍ ମୋ ସହିତ ଥାନ୍ତି, ମୁଁ ଯାହା ପସନ୍ଦ କରିଥାଏ ଏବଂ ସେ ଯେଉଁଠାରେ ବି ପସନ୍ଦ କରନ୍ତି ମୁଁ ତାଙ୍କ ସହିତ ଥାଏ ଏବଂ ମୋ ପରେ ଉମର୍ ବିନ୍ ଖତାବ୍ ଯେଉଁଠାରେ ବି ଥାଆନ୍ତୁ ସତ୍ୟ ତାଙ୍କ ସହିତ ରହିଥିବ'' (ହଦିସ୍)

ହଜରତ ଉମର ର:ଅଙ୍କ ଜିହ୍ୱା ଏବଂ ହୃଦୟରେ ଶାନ୍ତି/ସ୍ଥିରତା/ନିରବତା ଜାରି ରହିଥାଏ । (ହଜରତ ଅଲୀ ର:ଅ)

ରସୁଲେ କରିମ୍ ସ:ଆ:ସ ହଜରତ ଅବୁ ବକର ର:ଅ ଏବଂ ହଜରତ ଉମର ର:ଅଙ୍କ ସମ୍ବନ୍ଧରେ କହିଲେ:- ଏହି ଦୁଇଜଣ ବୈକୁଣ୍ଠର ପ୍ରାରମ୍ଭିକ ଓ ଶେଷରେ ଥିବା ସମସ୍ତ ବୟସ୍କ ଲୋକମାନଙ୍କର ସର୍ଦାର ଅଟନ୍ତି କେବଳ ନବୀ ଓ ରସୁଲ୍‌ମାନଙ୍କ ବ୍ୟତୀତ ।

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

ପାଂଚଜଣ ମର୍‌ହୁମୀନ୍ ମୋକରମ୍ କାମ୍‌ରାନ୍ ଅହ୍‌ମଦ୍ ସାହେବ୍ ଶହୀଦ୍ ଅଫ୍ ପେଶାୱର, ଡ଼ାକ୍ତର ମିର୍ଜା ନବୀର୍ ଅହ୍‌ମଦ୍ ସାହେବ ଏବଂ ତାଙ୍କ ପତ୍ନୀ ମୋକରମା ଆଇଶା ଅମ୍ବର ସୟଦ୍ ସାହିବା ଅଫ୍ ଆମେରୀକା, ମୋକରମ୍ ଚୌଧୁରୀ ନସୀର୍ ଅହ୍‌ମଦ୍ ସାହେବ୍ ଅଫ୍ କରାଚି ଏବଂ ମୋକରମା ସର୍‌ଦାରାଁ ବିବି ସାହିବା ଅଫ୍ ଦାରୁଲ୍ ରହ୍‌ମତ୍ ପଶ୍ଚିମ ରବ୍‌ୱାଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍: ୧୨ ନଭେମ୍ବର ୨୦୨୧ ଅନୁଯାୟୀ ୧୨ ନବୁଓ୍ୱତ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-

إِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତ୍‌ବାଗୁଡ଼ିକରେ ମୁଁ ହଜରତ ଉମର ର:ଅଙ୍କ ଚର୍ଚ୍ଚା କରି ଆସୁଥିଲି । ଆଜି ମଧ୍ୟ ସେହି ଚର୍ଚ୍ଚା ଜାରି ରିବ । ହଜରତ ଉମର ର:ଅଙ୍କ ଝିଅ ହଜରତ ହଫ୍‌ସା ର:ଅ ହଜରତ ଉମର ର:ଅଙ୍କର ଏ ସଂସାର ପ୍ରତି ବିମୁଖତା ଦେଖବ ନିଜ ବାପାଙ୍କୁ ପଚାରିଲେ ହେ ଅମୀରୁଲ୍ ମୁମିନିନ୍ ! ଆଉ ଏକ ରିଓ୍ୱାୟତ୍‌ରେ ବର୍ଣ୍ଣିତ ଅଛି ଯେ କହିଲେ ହେ ମୋର ବାପା ! ଅଲ୍ଲାଃ ତାଲା ଅର୍ଥ ଉପାର୍ଜନର ମାର୍ଗ ପ୍ରଶସ୍ଥ କରିଦେଲେ ଓ ଆପଣଙ୍କୁ ବିଜୟ ପ୍ରଦାନ କରିବା ସହିତ ପ୍ରଚୁର ମାତ୍ରାରେ ଧନସମ୍ପତି ପ୍ରଦାନ କଲେ । ତେବେ ଆପଣ କାହିଁକି ସୂକ୍ଷ୍ମ ଓ ନରମ ଖାଦ୍ୟ ତଥା ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସେବନ କରୁନାହାନ୍ତି ? ଏବଂ ପୂର୍ବାପେକ୍ଷା କୋମଳ ଓ ନରମ ପୋଷାକ ପରିଧାନ କରୁନାହାନ୍ତି ? ହଜରତ ଉମର ର:ଅ ଏଥିରେ କହିଲେ ଯେ ମୁଁ ତୁମଠାରୁ ଏହାର ଉତର ଜାଣିବାକୁ ଚାହୁଁଛି । କ'ଣ ତୁମକୁ ଏହା ଜଣାନାହିଁ ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ଜୀବନରେ କେତେ କଷ୍ଟ ଉଠାଇଛନ୍ତି ? ରାଓ୍ୱି କହିଲେ ହଜରତ ଉମର ଏହି କଥାକୁ ଏତେ ଥର କହିଲେ ଯେ ହଜରତ ହଫ୍‌ସା କାନ୍ଦି ପକାଇଲେ । ପୁଣି ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ କି ଯେଉଁ ପର୍ଯ୍ୟନ୍ତ ମୋର ସାମର୍ଥ୍ୟ ରହିଛି ସେ ପର୍ଯ୍ୟନ୍ତ ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ହଜରତ ଅବୁବକର ର:ଅଙ୍କ ପରି କଠୋର ଜୀବନ ଅତିବାହିତ କରିବି । ଯଦ୍ୱାରା କାଳେ ମୁଁ ତାଙ୍କ ପରି ଶାନ୍ତିପୂର୍ଣ୍ଣ ଜୀବନ ଲାଭ କରିବାର ଭାଗୀଦାର ହୋଇପାରିବି ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ହଜରତ ହଫ୍‌ସାଙ୍କୁ କହିଲେ ତୁମେ ନିଜ ଜାତିର ତ ମଙ୍ଗଳ କାମନା କରୁଛ କିନ୍ତୁ ନିଜ ପିତାଙ୍କର ମଙ୍ଗଳ ମନାସୁ ନାହିଁ । ତୁମେ ଏହି ପରାମର୍ଶ ଦେଲ ଯେ, ଯଦି ଏପରି ହେବ ତେବେ ଉତମ ରୂପେ ସେବା ସମ୍ପାଦନ କରିବ । (ଅର୍ଥାତ ଯଦି ଆପଣ ଉତମ ଖାଦ୍ୟ ଓ ଭିନ୍ନ ଭିନ୍ନ ରକମର ବ୍ୟଞ୍ଜନ ସେବନ କରିବେ ତେବେ ଆପଣ ଉତମ ରୂପେ ନିଜର କାର୍ଯ୍ୟ ତୁଲାଇ ପାରିବେ) କିନ୍ତୁ ମୋର ମଙ୍ଗଳ କାମନା କଲ ନାହିଁ (ଅର୍ଥାତ ମୋର ଶାରିରୀକ ଅବସ୍ଥା ପ୍ରତି ତୁମର ଚିନ୍ତା ରହିଛି କିନ୍ତୁ ମୋର ପ୍ରକୃତ ଉଦ୍ଦେଶ୍ୟ କିଭଳି ସଫଳ ହେଉ ସେଥିପାଇଁ ତୁମେ ତା ପାଇଁ ପ୍ରାର୍ଥନା କରୁନାହଁ) ମନେରଖ ମୋ ପରିବାର ବର୍ଗଙ୍କର ମୋ ଜୀବନ ଓ ଧନସମ୍ପତି ଉପରେ ଅଧିକାର ରହିଛି କିନ୍ତୁ ମୋ ଧର୍ମ ଓ ସନ୍ତକ ଉପରେ ସେମାନଙ୍କର କୌଣସି ଅଧିକାର ନାହିଁ (ଅର୍ଥାତ ଯେଉଁ କର୍ତବ୍ୟ ମୁଁ ସମ୍ପାଦନ କରୁଛି ସେହି ପ୍ରସଙ୍ଗରେ ମତେ ତୁମେ କିଛି କହିବାର ଅଧିକାର ରଖୁନାହଁ ଯେ, ତୁମେ କିଛି ମତେ କୁହ) ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୪୮............ ବେରୁତ ୧୯୯୬)***

ହଜରତ ଅକ୍‌ରମା ବିନ୍ ଖାଲିଦ ର:ଅ ବର୍ଣ୍ଣନା କରନ୍ତି ଯେ ହଜରତ ହଫ୍‌ସା ର:ଅ ଓ ହଜରତ ଅବ୍‌ଦୁଲ୍ଲାଃ ର:ଅ ଓ ଆଉ କିଛି ଲୋକେ ମଧ୍ୟ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ଆପଣ କାହିଁକି ସ୍ୱାଦିଷ୍ଟ ଓ ଭିନ୍ନ ଭିନ୍ନ ରକମର ବ୍ୟଞ୍ଜନ ସେବନ କରୁନାହାନ୍ତି ଯଦ୍ୱାରା ଆପଣ ନିଜର କାର୍ଯ୍ୟ ଅଧିକ ସୁଚାରୁ ରୂପେ ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ କରିପାରିବେ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ ମୁଁ ତୁମମାନଙ୍କର ସହାନୁଭୂତିକୁ ବୁଝିପାରୁଛି କିନ୍ତୁ ଯଦି ମୁଁ ହଜୁର ସ:ଆ:ସ ଓ ହଜରତ ଅବୁବକର ର:ଅଙ୍କ ମାର୍ଗ ପରିହାର କରିଦିଏ ତେବେ ଲକ୍ଷ୍ୟ ସ୍ଥଳରେ ସେ ଦୁହିଁଙ୍କୁ ଭେଟିପାରିବି ନାହିଁ ।

***(ତାରିଖୁଲ୍ ଖୋଲଫାଆ..... ପୃ-୧୦୧, ଉମର ବିନ୍ ଖତାବ୍.... ବେରୁତ ୧୯୯୯)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ତହ୍‌ରିକେ-ଏ-ଜଦିଦ୍ ସମ୍ବନ୍ଧରେ ଗୋଟିଏ ଖୁତ୍‌ବା ଦେବା ସମୟରେ ଏକତା ବର୍ଣ୍ଣନା କରନ୍ତି: ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସମୟରେ ଭୟ ଓ ବିପଦ ଲାଗି ରହିଥିଲା ତେଣୁ ସେହି ଭୟପ୍ରଦ ଯୁଗରେ ନିଜର ଦୁରଦର୍ଶୀତା ଆଧାରରେ ଅତି ସରଳ ଓ ସହଜତାର ମାର୍ଗ ପ୍ରତି ମୁସଲମାନମାନଙ୍କ ଚାହିଦାକୁ ଦେଖି ମହାଭାଗ ସ:ଆ:ସ ଉପଦେଶ ଦେଇଥିଲେ ଯେ, ଗୋଟିକରୁ ଅଧିକ ବ୍ୟଞ୍ଜନ ବ୍ୟବହାର କରିବ ନାହିଁ କିନ୍ତୁ ସାହାବାମାନେ ଏହି ଉପଦେଶ ଉପରେ କଠୋରତାର ସହିତ ପରିଚାଳିତ ହେଲେ । ଉଦାହରଣ ସ୍ୱରୁପ ଏକଦା ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ସିର୍କା ଅର୍ଥାତ ଭିନେଗାର ଓ ଲୁଣ ଉପସ୍ଥାପନ କରାଯାଇଥିଲା ତାହାକୁ ଦେଖି ଆପଣ ର:ଅ କହିଲେ ଯେ ଏହା ତ ଦୁଇଟି ବ୍ୟଞ୍ଜନ ଏଥିରେ ସାହାବାମାନେ କହିଲେ ଏହା ଦୁଇଟି ନୁହେଁ ବରଂ ଗୋଟିଏ ବ୍ୟଞ୍ଜନ କିନ୍ତୁ ଆପଣ ର:ଅ କହିଲେ, ନା ତାହା ଦୁଇଟି ଭିନ୍ନ ଭିନ୍ନ ଅର୍ଥାତ ଲୁଣ ଓ ସିର୍କା । ହଜ୍‌ରତ୍ ଉମର୍ ର:ଅଙ୍କ ଏହି କାର୍ଯ୍ୟ ହଜୁର ସ:ଆ:ସଙ୍କ ସହିତ ଅତ୍ୟଧିକ ପ୍ରେମ ଓ ଅନୁରାଗ ଯୋଗୁଁ ଥିଲା କାରଣ ହଜୁର ସ:ଆ:ସ କହିଥିଲେ ଯେ ଗୋଟିଏ ବ୍ୟଞ୍ଜନ ବ୍ୟବହାର କରିବ ତେଣୁ କରି ସେହି ଆଦେଶର ପାଳନ କରିବା ଅନ୍ତର୍ଗତ ହଜରତ ଉମର ର:ଅ ଏପରି କଥନ କହିଥିଲେ । ସମ୍ଭବତଃ ହଜୁର ସ:ଆ:ସଙ୍କର ଏପରି ଉଦ୍ଦେଶ୍ୟ ନଥିଲା କିନ୍ତୁ ଏହି ଉଦାହରଣ ଦ୍ୱାରା ଏହା ସ୍ପଷ୍ଟ ହୋଇଗଲା ଯେ, ମୁସଲମାନମାନେ କିପରି ସରଳ, ସହଜ ଓ ନିରାଡ଼ମ୍ବର ଜୀବନ ଅତିବାହିତ କରିବେ ସେଥିପାଇଁ ହଜରତ ଉମର ର:ଅ ତାଗିଦ୍ କରୁଥିଲେ ଓ ସଚେତନ କରିଥିଲେ ଯାହା ହଜୁର ସ:ଆ:ସ ସେତେବେଳେ ତାଙ୍କୁ ସଚେତନ କରିଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ କହିଲେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ପରି ଅଭିଳାଷ ତ କରିବେ ନାହିଁ ଓ ଏହା କହିବି ନାହିଁ ଯେ ଲୁଣ ଗୋଟିଏ ତରକାରୀ ଓ ସିର୍କା ଗୋଟିଏ ତରକାରି ବୋଲି କିନ୍ତୁ ମୁଁ ଏକଥା ଚାହିଁବି ଯେ ଆଜିଠାରୁ ତିନିବର୍ଷ ପର୍ଯ୍ୟନ୍ତ ଏହା ମଧ୍ୟରେ ମୁଁ ପ୍ରତିବର୍ଷ ଏ ଘୋଷଣା କରୁଥିବି ଓ ମୁଁ ମଝିରେ ମଝିରେ ସ୍ମରଣ କରାଉଥିବି (ଅର୍ଥାତ ଏହି ଆଦେଶ ଅନ୍ତର୍ଗତ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଯେତେବେଳେ ତହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ ସେତେବେଳେ ମଧ୍ୟ ଆପଣ ଯମାତ୍‌ର ସଦସ୍ୟବୃନ୍ଦକୁ କହିଥିଲେ ଯେ, ଗୋଟିଏ ପ୍ରକାର ବ୍ୟଞ୍ଜନ ବ୍ୟବହାର କରିବେ ତେଣୁକରି ହଜୁର କହିଲେ ଯେ ଏହି କଥା ମୁଁ ତିନିବର୍ଷ ପର୍ଯ୍ୟନ୍ତ ମୁଁ ମଝିରେ ମଝିରେ ଆପଣମାନଙ୍କୁ ସ୍ମରଣ କରାଉଥିବି) ଯଦି ଏହି ତିନିବର୍ଷ ମଧ୍ୟରେ ଭୟପ୍ରଦ ଅବସ୍ଥା ବଦଳି ଯାଏ ତେବେ ଆମ ଯୋଜନା ମଧ୍ୟ ବଦଳିଯାଇପାରେ । ପ୍ରତ୍ୟେକ ଅହେମଦୀ ଯେ ଏହି ସଂଘର୍ଷରେ ସାମିଲ ହେବାକୁ ଚାହୁଁଛି ଏକଥା ସ୍ୱୀକାର କରୁ ଯେ ଆଜିଠାରୁ ମାତ୍ର ଗୋଟିଏ ପ୍ରକାର ବ୍ୟଞ୍ଜନ ବ୍ୟବହାର କରିବା ଅର୍ଥାତ ରୋଟି ତରକାରୀ ଅବା ଭାତ ଓ ତରକାରୀ ଏହା ଦୁଇ ପ୍ରକାରର ବ୍ୟଞ୍ଜନ ନୁହେଁ ବରଂ ଗୋଟିଏ କିନ୍ତୁ ରୋଟି ସହିତ ଦୁଇ ପ୍ରକାରର ତରକାରୀ ଅବା ଭାତ ସହିତ ଦୁଇ ପ୍ରକାର ତରକାରୀ ସେବନ କରିବାକୁ ଅନୁମତି ନାହିଁ ।

***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୫, ପୃ-୪୨୬)***

ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କୁହନ୍ତି: **ୱ୍ଵଲ୍ଲଜିନା ଇଜା ଅନ୍‌ଫକୁ ଲମ୍ ୟୁସ୍‌ରିଫୁ ୱ୍ଵ ଲମ୍ ୟକ୍‌ତୁରୁ ୱ୍ଵ କାନା ବଇନା ଜାଲିକା (ଅଲ୍‌ଫୁର୍‌କାନ୍:୬୮)** ଅର୍ଥାତ:- ଏବଂ ସେ (ଭକ୍ତ)ମାନେ ବ୍ୟୟ କରିବା ସମୟରେ ଅପବ୍ୟୟ କରନ୍ତି ନାହିଁ କି କୃପଣତା କରନ୍ତି ନାହିଁ; ଏବଂ ସେମାନେ (ବ୍ୟୟ କରିବାରେ) ଏକ ମଧ୍ୟମ ପନ୍ଥା ଅନୁସରଣ କରନ୍ତି । ଏହି ପଂକ୍ତିର ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେତେବେଳେ ଆପଣ ତହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ ଏବଂ ଅହେମଦୀମାନଙ୍କୁ ଆହ୍ଵାନ ଦେଇଥିଲେ ଯେ, ପ୍ରତ୍ୟେକ ଅହେମଦୀ ଏହା ପଣ କରନ୍ତୁ ଯେ, ଆଜିଠାରୁ କେବଳ ଗୋଟିଏ ପ୍ରକାର ବ୍ୟଞ୍ଜନ ବ୍ୟବହାର କରିବେ ଯଦ୍ଵାରା ସଦସ୍ୟ ବୃନ୍ଦ ନିଜ ଖର୍ଚ୍ଚ କମ୍ କରି ଅଧିକା ଚାନ୍ଦା ଦେଇପାରିବେ ଯଦିଚ ଅଲ୍ଲାଃ ତାଲାଙ୍କ କୃପାରୁ ପରିସ୍ଥିତି ଭିନ୍ନ ରକମର ସ୍ଵଚ୍ଛଳ ଅବସ୍ଥା ପାଲଟି ଯାଇଛି ତେଣୁ ଏହି ପ୍ରତିବନ୍ଧ ତ ଆଉ ନାହିଁ ତଥାପି ଅଯଥା ଖର୍ଚ୍ଚ କରିବା ଅର୍ଥ ବ୍ୟୟ କରିବା ଉଚିତ ନୁହେଁ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅବ୍‌ଦୁର ରହ୍‌ମାନ ହେବାପାଇଁ ଦୁଇଟି ସର୍ତ୍ତ ନିର୍ଦ୍ଧାରଣ କରିଛନ୍ତି ପ୍ରଥମତଃ ନିଜର ଅର୍ଥ ଅପଚୟ କରନାହିଁ, ଦ୍ଵିତୀୟତଃ ଖାଦ୍ୟ ଶରୀରକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସେବନ କର ଏବଂ ବସ୍ତ୍ର ଶରୀରର ଅଙ୍ଗକୁ ଢ଼ାଙ୍କିବା ଓ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ପରିଧାନ କର । ଏକଦା ହଜ୍‌ରତ୍ ଉମର୍ ର:ଅ ସିରିୟା ଅଭିମୁଖେ ବାହାରିଲେ ଓ ସେଠାରେ ଯାଇ ଦେଖିଲେ ଯେ କେତେକ ସାହାବା ରେଶମ ବସ୍ତ୍ର ପରିଧାନ କରିଛନ୍ତି । ଏହା ଦେଖି ଆପଣ ର:ଅ ଅତିଷ୍ଠ ଭାବ ପ୍ରକାଶ କଲେ । ଅତଏବ ଆପଣ କହିଲେ, ନିଜକୁ ସୁସଜ୍ଜିତ କରିବା ଉଦ୍ଦେଶ୍ୟରେ ଏପରି ବସ୍ତ୍ର ପରିଧାନ କରନାହିଁ । ଦେଖ ସାହାବାଙ୍କର ଅମଳ କିପରି ଥିଲା ସେମାନେ ଅବଦୁର୍ ରହ୍‌ମାନ୍ ହେବାକୁ ସର୍ବଦା ପ୍ରୟାସ କରୁଥିଲେ ଏକଦା ହଜ୍‌ରତ୍ ଉମର୍ ର:ଅ ସେହି ସାହାବାମାନଙ୍କୁ ଯିଏ ରେଶମ ବସ୍ତ୍ର ପରିଧାନ କରିଥିଲେ ଯଦିଚ ତାହା ପୂର୍ଣ୍ଣ ରୂପେ ରେଶମରେ ପ୍ରସ୍ତୁତ ହୋଇନଥିଲା ବରଂ କିଛି ମାତ୍ରାର ରେଶମ ଉକ୍ତ ବସ୍ତ୍ର ଗୁଡ଼ିକରେ ବ୍ୟବହୃତ ହୋଇଥିଲା, (ଇସ୍‌ଲାମ୍‌ରେ ପୁରୁଷମାନଙ୍କୁ ରେଶମ ବସ୍ତ୍ର ପିନ୍ଧିବାକୁ ବାରଣ କରାଯାଇଛି ହଁ ଯଦି ବ୍ୟାଧି ଯୋଗୁଁ କେହି ପରିଧାନ କରେ ତେବେ ତାହା ଭିନ୍ନ ପ୍ରସଙ୍ଗ) ସେ ଯାହା ହେଉ ହଜ୍‌ରତ୍ ଉମର୍ ର:ଅ ନିଜ ସାଥିମାନଙ୍କୁ କହିଲେ, ସେହି ସାହାବାମାନଙ୍କୁ ମାଟି ଫିଙ୍ଗ ଅର୍ଥାତ ଯେଉଁ ସାହାବାମାନେ ଏହି ରେଶମ ବସ୍ତ୍ର ପରିଧାନ କରିଛନ୍ତି ସେମାନଙ୍କ ଉପରେ ମାଟି ଫିଙ୍ଗ । ଅର୍ଥାତ ଆପଣ ସେମାନଙ୍କୁ ଦେଖି ଅତିଷ୍ଠ ହେଲେ ଏବଂ ଏଭଳି ଆଦେଶ ଦେଲେ । ଆପଣ ର:ଅ କହିଲେ, ତୁମେମାନେ ବିଳାଶ ଭୋଗି ହୋଇଗଲଣି । ଏଥିରେ ଜଣେ ସାହାବି ନିଜ ପରିହିତ ରେଶମ ବସ୍ତ୍ର ତଳେ ଉନ୍‌ର ଏକ ମୋଟା ଖଦଡ଼ା କୁର୍ତା ପରିଧାନ କରିଥିବାର ବାହାର କରି ଦେଖାଇଲେ ଏବଂ କହିଲେ, ଆମେ ନିଜ ପୋଷାକ ଏଠିକାର ସ୍ଥାନୀୟ ବେଶଭୂଷା ଅନୁଯାୟୀ ପରିବର୍ତ୍ତନ କରିଛୁ ସତ କାରଣ ଏଠାକାର ନିବାସୀ ନିଜ ମୁଖିଆକୁ ନିଜ ସରଦାରଙ୍କୁ ଆଡ଼ମ୍ବର ପୂର୍ଣ୍ଣ ଅବସ୍ଥାରେ ଦେଖିବାରେ ଅଭ୍ୟସ୍ତ ତେଣୁ ଆମେ ଏହି ନିତୀ ଅବଲମ୍ବନ କରିଛୁ କିନ୍ତୁ ନିଜ ଶିକ୍ଷା ଓ ମୂଳ ଲକ୍ଷ୍ୟକୁ କଦାପି ପାସୋରି ଯାଇନାହୁଁ ସୁତରାଂ ସାହାବାମାନଙ୍କ ଅମଳ ଦର୍ଶାଉଛି ଯେ, ସେମାନେ ଅଯଥା ଖର୍ଚ୍ଚ କରିବାର ତାତ୍ପର୍ଯ୍ୟ କ'ଣ ତାହା ମର୍ମେ ମର୍ମେ ବୁଝୁଥିଲେ । ଏହାର ଅର୍ଥ ହେଉଛି ଏହା କି ନିଜ ଧନ ଏପରି ସାମଗ୍ରୀରେ ବ୍ୟୟ କରନାହିଁ ଯାହାର ଆବଶ୍ୟକତା ହିଁ ନାହିଁ ଏବଂ ଯାହାର ଉଦ୍ଦେଶ୍ୟ କେବଳ ଭୋଗ ବିଳାସ ଓ ଲୋକ ଦେଖାଣିଆ ହୋଇଥାଏ ସେଥିଯୋଗୁଁ ଆମେ ନିଜ ଅର୍ଥକୁ ଅପଚୟ କରିବା ନାହିଁ ।

ମନେରଖ ଅବ୍‌ଦୁର ରହ୍‌ମାନ ହେଉଛନ୍ତି ସେମାନେ ଯେଉଁମାନେ ଅଯଥା ଖର୍ଚ୍ଚ କରିନଥାନ୍ତି, ଲୋକଦେଖାଣିଆ କାର୍ଯ୍ୟରେ ଅର୍ଥ ବ୍ୟୟ କରିନଥାନ୍ତି ବରଂ ଲାଭ ଓ ଉପକାର ସାଧିତ ହେବା ପାଇଁ ଖର୍ଚ୍ଚ କରିଥାନ୍ତି ଓ ନିଜ ଅର୍ଥକୁ ଏପରି ସ୍ଥଳେ ଦାନ କରିବାକୁ ଅଟକି ନଥାନ୍ତି ଯେଉଁ ସ୍ଥଳେ ଆବଶ୍ୟକତା ରହିଛି ସୁତରାଂ ନିଜ ଧନସମ୍ପତି ଏପରି ସ୍ଥଳେ ବ୍ୟୟ କରନାହିଁ ଯାହାକି ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ନୁହେଁ ଏବଂ ନା ଏଭଳି ଆକାରରେ ନିଜ ହାତ ରୋକିନିଅ ଯେଉଁ ସ୍ଥଳେ ଖର୍ଚ୍ଚ କରିବା ଜରୁରୀ ହୋଇଥାଏ । ଏହି ଦୁଇଟି ସର୍ତ୍ତ ଜଣେ ଅହେମଦୀଙ୍କୁ ଅବ୍‌ଦୁର୍ ରହ୍‌ମାନ ହେବା ପାଇଁ ଆପଣ ର:ଅ ନିର୍ଦ୍ଧାରଣ କରିଥିଲେ । ଏବଂ ବାସ୍ତବିକ ଏହିପରି ହିଁ ଖର୍ଚ୍ଚ କରିବାକୁ ପ୍ରଭୁ ଆମକୁ ଆଦେଶ ଦେଇଛନ୍ତି । କିନ୍ତୁ ଅନେକ ଲୋକ ଏପରି ରହିଛନ୍ତି ଯିଏ ଅଯଥା ଖର୍ଚ୍ଚ କରିଚାଲିଥାନ୍ତି ଅବା କୃପଣତା ପ୍ରଦର୍ଶନ କରିଥାନ୍ତି । ***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୫, ପୃ-୩,୪)*** ଅର୍ଥାତ ଉଭୟ କିସମର ଲୋକେ ଦେଖିବାକୁ ମିଳିଥାନ୍ତି ଯେଉଁମାନେ ଭୂଲ କରିଥାନ୍ତି ।

ହଜ୍‌ରତ୍ ଉମର୍ ର:ଅ ଆଡ଼ମ୍ବର ପୂର୍ଣ୍ଣ ଜୀବନଶୈଳୀ ଆପଣାଇବା ଓ ଲୋକ ଦେଖାଣିଆ ଏବଂ ବିଳାଶପୂର୍ଣ୍ଣ ପୋଷାକ ପିନ୍ଧୁଥିବା ସରଦାରଙ୍କୁ ମଧ୍ୟ ନାପସନ୍ଦ କରୁଥିଲେ ଏପରିକି ଶତ୍ରୁଙ୍କୁ ମଧ୍ୟ ଏପରି ଅବସ୍ଥାରେ ଦେଖିଲେ ଘୃଣା କରୁଥିଲେ । ସୁତରାଂ ଫରାସୀର ସେନାଧ୍ୟକ୍ଷ ହୁର୍ମଜାନ୍‌ଙ୍କ ବିଷୟରେ ଏହି କଥା ମିଳୁଛି । ଏ ବିଷୟ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି । ଏଠାରେ କିଛି ବର୍ଣ୍ଣନା କରିଦେଉଛି ।

ଯେତେବେଳେ ତୁସ୍ତର ବିଜୟ ସମୟରେ ଫରାସୀମାନଙ୍କ ସେନାଧ୍ୟକ୍ଷ ହୁର୍ମଜାନ୍ ଅସ୍ତ୍ରତ୍ୟାଗ କଲା ଏବଂ ନିଜକୁ ମୁସଲମାନମାନଙ୍କ ଅଧିନ କରିଦେଲା ଏବଂ ତାଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ଉପସ୍ଥିତ କରିବା ସକାଶେ ମଦିନା ପ୍ରେରଣ କରିଦିଆଗଲା । ମଦିନାରେ ପହଂଚିବା ପୂର୍ବରୁ ତାହା ସାଥିରେ ଥିବା ମୁସଲମାନ ରକ୍ଷକମାନେ ତାହାର ରେଶମ ବସ୍ତ୍ର ଅର୍ଥାତ ରଙ୍ଗବେରଙ୍ଗର ଉତ୍କର୍ଷ ବସ୍ତ୍ର ତାକୁ ପିନ୍ଧାଇ ଦେଲେ ଯଦ୍ଵାରା ମୁସଲମାନମାନେ ତାହାର ଅସଲ ଅବସ୍ଥାକୁ ଦେଖିନିଅନ୍ତୁ । ଫରାସୀ ସେନାଧ୍ୟକ୍ଷ ହୁର୍ମଜାନକୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା ଅର୍ଥାତ ସେହିପରି ତାହାର ଆଡ଼ମ୍ବର ପୂର୍ଣ୍ଣ ବସ୍ତ୍ର ପରିଧାନ କରାଇ ତାହାକୁ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାହାକୁ ଦେଖି କହିଲେ କ'ଣ ଇଏ ହୁର୍ମଜାନ୍ ? ଲୋକମାନେ ଉତର ଦେଲେ ଆଜ୍ଞା ହଁ । ଏଥିରେ ହଜରତ ଉମର ର:ଅ ତାହାର ବସ୍ତ୍ରକୁ ଦେଖି କହିଲେ ମୁଁ ନର୍କର ଅଗ୍ନୀରୁ ଅଲ୍ଲାଃଙ୍କ ଶରଣ ଓ ସାହାଯ୍ୟ ଭିକ୍ଷା କରୁଛି । କାଫିଲାର ଲୋକମାନେ କହିଲେ ଇଏ ହେଉଛନ୍ତି ହୁର୍ମଜାନ୍ ତେଣୁ ଆଙ୍କ ସହିତ କଥା ହୁଅ । ଏଥିରେ ହଜରତ ଉମର ର:ଅ କହିଲେ ଯେପର୍ଯ୍ୟନ୍ତ ହୁର୍ମଜାନ ନିଜ ଚମକଦମକ ବସ୍ତ୍ର ଓ ଅଳଙ୍କାର ଆଭୁଷଣ ଆଦି ଓହ୍ଲାଇଲା ନାହିଁ ସେ ପର୍ଯ୍ୟନ୍ତ ମୁଁ ତାହା ସହିତ କଥା ହେବିନାହିଁ । ସୁତରାଂ ସେ ନିଜର ଆଡ଼ମ୍ବରପୂର୍ଣ୍ଣ ପୋଷାକକୁ ଓହ୍ଲାଇ ଦେଲା ଓ ହଜରତ ଉମର ର:ଅ ତା'ସହିତ କଥା ହେଲେ ।

***(ସିରତ୍ ଅମୀରୁଲ୍ ମୁମିନିନ୍.... ପୃ-୪୨୪-୪୨୫......... ବେରୁତ ୨୦୦୭)*** ।

ହଜ୍‌ରତ୍ ଉମର୍ ର:ଅଙ୍କର ବିନମ୍ରତା ଓ ଧର୍ମପରାୟଣତାର ଉଚ୍ଚ ସ୍ତର ଏହିଥିରୁ ଅନୁମିତ ହୋଇପାରେ ଯେ ହଜରତ ଉରୁୱ୍ଵା ବିନ୍ ଜୁବୈର ର:ଅ ବର୍ଣ୍ଣନା କରନ୍ତି ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ କାନ୍ଧ ଉପରେ ଏକ ଜଳପୂର୍ଣ୍ଣ ମାଠିଆ ଉଠାଇ ନେଇ ଯାଉଥିବାର ଦେଖିବାକୁ ପାଇଲି ଅତଏବ ମୁଁ କହିଲି ହେ ଅମୀରୁଲ୍ ମୁମିନିନ୍ ଆପଣଙ୍କ ପାଇଁ ଏପରି କାର୍ଯ୍ୟ କରିବା ଉପଯୁକ୍ତ କାର୍ଯ୍ୟ ନୁହେଁ । ଏଥିରେ ଆପଣ ର:ଅ କହିଲେ, ବିଭିନ୍ନ ଗୋଷ୍ଠୀର ପ୍ରତିନିଧିଦଳ ଆଜ୍ଞାନୁବର୍ତିତ ପ୍ରଦର୍ଶନ କରି ମୋ ନିକଟକୁ ଆସିଲେ ସେଥିଯୋଗୁଁ ମୋ ହୃଦୟରେ ଆତ୍ମବଡ଼ିମା ଯାତ ହେଲା ତେଣୁ ମୁଁ ଚିନ୍ତା କଲି ଯେ ସେହି (ସଇତାନି) ଭାବନାକୁ ଏପରି କାର୍ଯ୍ୟ କରି ଦମନ କରିବା ପାଇଁ ଜରୁରୀ ମଣିଲି ।

***(ସିରତ୍ ଉମର ବିନ୍ ଖତାବ୍...... ବେରୁତ ୨୦୦୭)***

ହଜରତ ୟହିଆ ବିନ୍ ଅବ୍‌ଦୁର୍ ରହ୍‌ମାନ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ଆମେମାନେ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ଦଳଗତ ଭାବରେ ମକ୍କାରୁ ପ୍ରତ୍ୟାବର୍ତ୍ତନ କରୁଥିଲୁ ଇତି ମଧ୍ୟରେ ଆମେ ଜଜନାନ୍‌ର ଘାଟି ନିକଟରେ ପହଂଚିଥିବାରୁ ଲୋକେ ଅଟକି ଗଲେ । ଜଜ୍‌ନାନ୍ ହେଉଛି ମକ୍କାଠାରୁ ପଚାଶ ମାଇଲ ଦୂରତାରେ ଅବସ୍ଥିତ ଏକ ଅଂଚଳ । ହଜ୍‌ରତ୍ ଉମର୍ ର:ଅ ସେଠାରେ କହିଲେ, ମୋର ସେହି ସମୟ ମନେପଡ଼ିଯାଉଛି ଯେତେବେଳେ ମୁଁ ମୋ ପିତା ଖତାବ୍‌ଙ୍କ ଓଟ ଉପରେ ବସି ଆସୁଥିଲି ଓ ଓଟ ଉପରେ କେତେବେଳେ କାଠ ତ କେତେବେଳେ ଘାସ ଲଦି ନେଇଯାଉଥିଲି । ମୋ ପିତା କଠୋର ସ୍ଵଭାବର ବ୍ୟକ୍ତି ଥିଲେ କିନ୍ତୁ ଆଜି ମୋର ଅବସ୍ଥା ଦେଖ ଯେ (ମୁଁ ଏତେ ବଡ଼ ଭୂଖଣ୍ଡର ସରଦାର) ଯେଉଁଠାରୁ ଅର୍ଥାତ ଦୂରଦୂରାନ୍ତରୁ ଲୋକେ ଯାତ୍ରା କରି ମୋ ନିକଟକୁ ସାକ୍ଷାତ କରିବାକୁ ଆସୁଛନ୍ତି ଏବଂ ମୋ ଉପରେ କେହି ହାକିମ ନାହାନ୍ତି ଯିଏ ମୋ ଉପରେ ଶାସନ କରିପାରିବ ତଥା ମୋ ଉପରେ ହୁକୁମ୍ ଚଳାଇବ । ପୁନଶ୍ଚ ହଜରତ ଉମର ର:ଅ ଏହି କବିତା ପାଠ କଲେ:- **ଲା ଶୈୟା ଫଇମା ତରା ଇଲ୍ଲା ବଶାଶତହୁ**

**ୟବ୍‌କଲ୍ ଇଲାହୁ ୱ୍ଵ ୟୁଦିଲ୍ ମାଲୁ ୱ୍ଵଲ୍ ୱ୍ଵଲଦୁ**

ଅର୍ଥାତ ଯାହା କିଛି ତୁମକୁ ଦୃଶ୍ୟମାନ ହେଉଛି ତାହାର କୌଣସି ସତ୍ୟାସତ୍ୟ ନାହିଁ କେବଳ ମାତ୍ର ଏକ ସ୍ଥାୟୀ ଆନନ୍ଦ ବ୍ୟତିତ କେବଳ ପ୍ରଭୁଙ୍କ ହସ୍ତି ଅର୍ଥାତ ଅସ୍ତିତ୍ଵ ହେଉଛି ଚୀରସ୍ଥାୟୀ ଯେବେ କି ଏହି ସମସ୍ତ ଧନସମ୍ପତି ଓ ଏହି ସମସ୍ତ ସନ୍ତାନସନ୍ତତି ସବୁକିଛି ନାଶ ହୋଇଯିବ । ***(ତବକାତୁଲ୍ କୁବ୍‌ରା......... ବେରୁତ ୧୯୯୦) (ଫତହୁଲ୍ ବାରି ଖଣ୍ଡ-୨, ପୃ-୧୪୪........ କରାଚି)***

ଯମାତ ଅହେମଦୀୟାର ପ୍ରଥମ ଖଲିଫା କୁହନ୍ତି ଏକଦା ହଜ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ହଜ୍‌ରତ୍ ଉମର୍ ର:ଅ ଗୋଟିଏ ଗଛ ତଳେ ଛିଡ଼ା ହୋଇଗଲେ ହୁଜୈଫା ର:ଅ ଯିଏ ଜଣେ ସାହାସୀ ବ୍ୟକ୍ତି ଥିଲେ ସେ ହଜରତ ଉମର ର:ଅଙ୍କୁ ଏହାର କାରଣ ପଚାରନ୍ତେ ହଜରତ ଉମର ର:ଅ କହିଲେ, ସମୟ ଥିଲା ଯେତେବେଳେ ମୁଁ ନିଜ ଓଟ ଏଠାରେ ଚରାଉଥିଲି ଓ ଏହି ଗଛ ତଳେ ମୋ ପିତା ମୋ ଉପରେ ଭୀଷଣ କ୍ରୋଧିତ ହେଉଥିଲେ କିନ୍ତୁ ଏବେ ଏମିତି ସମୟ ଆସିଯାଇଛି ଏବେ ଲକ୍ଷାଧିକ ଲୋକ ମୋ ଆଖି ଇସାରାରେ ନିଜ ପ୍ରାଣର ଆହୁତି ଦେବାପାଇଁ ମଧ୍ୟ ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି ।

***(ହକାଇକୁଲ୍ ଫୁର୍‌କାନ୍, ଖଣ୍ଡ-୩, ପୃ-୩୨୬)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଦେଖ କ'ଣ ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ଜଣେ ଓଟ ଚରାଉଥିବା ଲୋକ ବିରାଟ ସାମ୍ରାଜ୍ୟର ଅଧିପତି ପାଲଟିଗଲା । ଏହି ପ୍ରସଙ୍ଗରେ ଯମାତ୍ ଅହେମଦୀୟାର ଦ୍ଵିତୀୟ ଖଲିଫା କୁହନ୍ତି ଏହା କୌଣସି ଆକସ୍ମିକ କଥା ନୁହେଁ ସେ ମହା ପ୍ରତାପି ସମ୍ରାଟ କେବଳ ସାଂସାରିକ ଅଧିପତି ନଥିଲା ବରଂ ଆଧ୍ୟାତ୍ମିକ ସମ୍ରାଟ ମଧ୍ୟ ଥିଲା ଯିଏ ନିଜ ପ୍ରାରମ୍ଭିକ ଜୀବନ କାଳରେ ଓଟ ଚରାଉଥିଲେ । ଏକଦା ହଜ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଆପଣ ଗୋଟିଏ ସ୍ଥାନରେ ଭୀଷଣ ଗ୍ରୀଷ୍ମତାପ ଯୋଗୁଁ ଅଟକି ଗଲେ କିନ୍ତୁ କେହି ଏଭଳି କଷ୍ଟ ସତ୍ତ୍ଵେ ସାହାସ ଜୁଟାଇପାରିଲେ ନାହିଁ ଯେ, ଏହି ପ୍ରଶ୍ନ କରିପାରିବେ ଯେ ଆପଣ କାହିଁକି ଏଠାରେ ଅଟକି ଗଲେ ବୋଲି । ଶେଷରେ ଜଣେ ବ୍ୟକ୍ତି ହଜ୍‌ରତ୍ ଉମର୍ ର:ଅଙ୍କର ଅନ୍ତରଙ୍ଗ ବନ୍ଧୁ ଯିଏ ସର୍ବଦା ନିର୍ଦ୍ଵନ୍ଦରେ ପ୍ରଶ୍ନ କରିଦେଉଥିଲେ ଲୋକେ ତାଙ୍କୁ କହିଲେ ଆପଣ ଯାଇ ହଜ୍‌ରତ୍ ଉମର୍ ର:ଅଙ୍କୁ ପଚାରନ୍ତୁ ଯେ, ଏଠାରେ ସେ କାହିଁକି ଅଟକି ଗଲେ । ଅତଏବ ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରଶ୍ନ କରିବାପାଇଁ ଗଲେ ଓ ତାଙ୍କୁ ନିବେଦନ କଲେ ଯେ, ଏଠାରେ ଆପଣ କାହିଁକି ଅଟକି ଗଲେ ? ଆଗକୁ ବଢ଼ନ୍ତୁ । ଅତଏବ ହଜ୍‌ରତ୍ ଉମର୍ ର:ଅ କହିଲେ, ସମୟ ଥିଲା ଯେତେବେଳେ ମୁଁ ନିଜ ଓଟ ଏଠାରେ ଚରାଉଥିଲି ଏବଂ ଦିନେ ଏହି ଗଛ ତଳେ ମୁଁ ବିଶ୍ରାମ କରିବା ହେତୁ ମୋ ପିତା ମୋ ଉପରେ ଭୀଷଣ ବିରକ୍ତ ଭାବ ପ୍ରକାଶ କଲେ ଓ ମାରିଲେ ଏବଂ କହିଲେ କ'ଣ ମୁଁ ତୁମକୁ ଏଠାରେ ଶୋଇବା ପାଇଁ ପଠାଇଛି । ତେବେ ଦେଖ ସମୟ ଥିଲା ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ପରି ମହାନ୍ ବ୍ୟକ୍ତିତ୍ଵ ଓଟ ଚରାଉଥିଲେ କିନ୍ତୁ ଏବେ ଲକ୍ଷାଧିକ ଲୋକ ତାଙ୍କ ଇସାରାରେ ନିଜ ପ୍ରାଣବଳୀ ଦେବାପାଇଁ ପୂର୍ଣ୍ଣ ରୂପେ ପ୍ରସ୍ତୁତ । ଏହା ଥିଲା ତାଙ୍କର ଉଚ୍ଚ ଆସନ ଯାହା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏ ସବୁ କିଛି ମତେ ନିଜ ପ୍ରୀୟ ମୁନୀବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଅନୁଗାମୀ ହେବା ଫଳରେ ପ୍ରାପ୍ତ ହୋଇଛି । ଏହି ଘଟଣାରୁ ଏବଂ ଏହିପରି ଅନେକ ଘଟଣାରୁ ପ୍ରମାଣିତ ହେଉଛି ଯେ ସାହାବାମାନେ କିଭଳି ଜୀବନ ଅତିବାହିତ କରୁଥିଲେ ଯଦ୍ଵାରା ସେମାନେ ହଜୁର ସ:ଆ:ସଙ୍କ ଆଜ୍ଞାପାଳନ କରିବା ଯୋଗୁଁ ସେମାନେ ଜ୍ଞାନ ଓ ସ୍ତର ଅର୍ଥାତ ଉଚ୍ଚ ଆସନରେ କିଭଳି ଉନ୍ନତି ଲାଭ କଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି; ଏହି ଘଟଣା ମୁଁ ଏଥିପାଇଁ ଚର୍ଚ୍ଚା କଲି ଯେ, ଜଣେ ଓଟ ଚରାଳି କିଭଳି ଧାର୍ମିକ ଓ ସାଂସାରିକ ଜ୍ଞାନର ଗୂଢ଼ ରହସ୍ୟକୁ ଜିଣିନେଲା । ଦ୍ଵିତୀୟତଃ ଏକଥା ପ୍ରତି ଧ୍ୟାନ ଦିଅ ଯେ ଆଜି ୟୁରୋପ ପରି ବିକାଶଶୀଳ ଦେଶଗୁଡ଼ିକ ଯେଉଁମାନେ ନାଗରିକତ୍ଵର ଓ ଦେଶୀୟ ନିୟମ ସହିତ ଅତି ପରିଚିତ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ଵାରା ପ୍ରଣୟନ କରାଯାଇଥିବା ନୀତି ନିୟମକୁ କିଭଳି ସମ୍ମାନ ଦୃଷ୍ଟିରେ ଦେଖୁଛନ୍ତି ।

ହଜ୍‌ରତ୍ ଉମର୍ ର:ଅ ଏପରି କାର୍ଯ୍ୟ କରିଗଲେ ଯେ, ଜଣେ ପଶୁ ଚରାଉଥିବା ବ୍ୟକ୍ତି ଥିଲେ କିନ୍ତୁ ଦେଖ ଯେ ସେ ଏମିତି କାର୍ଯ୍ୟ କରିଯାଇଛନ୍ତି ଯେ, ଆଜି ମଧ୍ୟ ସମଗ୍ର ସଂସାର ତାଙ୍କ ଆଗରେ ନତମସ୍ତକ ହେଉଛି ଏବଂ ତାଙ୍କ ପ୍ରଶାସନିକ ଦକ୍ଷତାର ଗୁଣଗାନ କରୁଛନ୍ତି । ପୁନଶ୍ଚ ଦେଖ ହଜରତ ଅବୁବକର ର:ଅ ଜଣେ ସାଧାରଣ ବ୍ୟବସାୟୀ ଥିଲେ କିନ୍ତୁ ତାଙ୍କୁ ଦେଖି ମଧ୍ୟ ବିଶ୍ଵବାସୀ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି ଯେ ତାଙ୍କୁ ଏପରି ବୁଦ୍ଧିଜ୍ଞାନ ଓ ପ୍ରଶାସନିକ କ୍ଷମତା, ଶାସନକାର୍ଯ୍ୟ ଚଳାଇବାର କ୍ଷମତା କିପରି ପ୍ରାପ୍ତ ହେଲା ? ତେବେ ମୁଁ କହୁଛି ଜାଣ ଯେ ତାଙ୍କୁ ଏ ସବୁକିଛି ପବିତ୍ର କୁର୍‌ଆନ୍‌ରୁ ହିଁ

ଲାଭ ହେଲା, ପବିତ୍ର କୁର୍‌ଆନ୍‌ର ଅନୁଧ୍ୟାନ କରିବା ଫଳରେ ତାଙ୍କୁ ସେ ସବୁକିଛି ପ୍ରାପ୍ତ ହେଲା ଯାହାକି ସମଗ୍ର ବିଶ୍ୱବାସୀଙ୍କୁ ଜ୍ଞାତ ନଥିଲା । କାରଣ ପବିତ୍ର କୁର୍‌ଆନ୍ ଏକ ଏପରି ଅସ୍ତ୍ର ଯେତେବେଳେ (ତାହା ମାଧ୍ୟମରେ ବିଷୟକୁ ଅନୁଧ୍ୟାନ କରାଯାଏ କୌଣସି ପ୍ରସଙ୍ଗକୁ ଅନୁଧ୍ୟାନ କରାଯାଏ) ଓ ତାହା ସହିତ ହୃଦୟକୁ ନିବେଶ କରାଯାଏ ସେତେବେଳେ ହୃଦୟ ଏପରି ସ୍ୱଚ୍ଛ ଓ ପରିଷ୍କାର ହୋଇଯାଇଥାଏ ଯେ ସମସ୍ତ ପ୍ରକାର ସାଂସାରିକ ବୁଦ୍ଧିଜ୍ଞାନ ଏଥିରେ ଦୃଶ୍ୟମାନ ହୋଇଯାଇଥାଏ । ପୁଣି ମଣିଷ ପାଇଁ ଏପରି ଦ୍ୱାର ଉନ୍ମୁକ୍ତ ହୋଇଥାଏ ଯେ ତା'ପରେ ତାଙ୍କ ହୃଦୟରେ ପ୍ରକାଶିତ ଜ୍ଞାନକୁ କେହି ରୋକି ପାରନ୍ତି ନାହିଁ । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ଜରୁରୀ ଯେ, ସେ କୁର୍‌ଆନ୍‌କୁ ପାଠ କରିବା ସହିତ ତାହାକୁ ଅନୁଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।

*(ଅନୱାରେ ଖିଲାଫତ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୩, ପୃ-୧୩୦-୧୩୧)*

ହଜ୍‌ରତ୍ ଉମର୍ ର:ଅଙ୍କ ବିନମ୍ରତା ଓ ଦୟାଶୀଳ ଆଚରଣ ପ୍ରସଙ୍ଗରେ ଗୋଟିଏ ରିୱାୟତ୍‌ରେ ଉଲ୍ଲେଖ ରହିଛି ଯେ ହଜରତ ଜୁବୈର୍ ବିନ୍ ନୁଫୈର୍ ବର୍ଣ୍ଣନା କରନ୍ତି ଗୋଟିଏ ଯମାତ୍ ଅର୍ଥାତ ଗୋଟିଏ ଦଳ ହଜ୍‌ରତ୍ ଉମର୍ ର:ଅଙ୍କୁ ସମ୍ବୋଧିତ କରି କହିଲେ, ହେ ଅମୀରୁଲ୍ ମୁମିନିନ୍ ! ଅଲ୍ଲାଃଙ୍କ ରାଣ ଆମେ ଆପଣ ର:ଅଙ୍କଠରୁ ଅତ୍ୟନ୍ତ ନ୍ୟାୟବନ୍ତ ଓ ସତ୍ୟବାଦୀ ଓ କପଟବିଶ୍ୱାସୀଙ୍କ ଉପରେ କଠୋରତା ପ୍ରଦର୍ଶନକାରୀ ଅନ୍ୟ କାହାରିକୁ ଦେଖିନାହୁଁ । ଅଓଫ୍ ବିନ୍ ମାଲିକ ସେହି କହିବା ଲୋକଙ୍କୁ କହିଲେ ଅଲ୍ଲାଃଙ୍କ ରାଣ ! ତୁମେ ମିଛ କହୁଛ । ଆମେ ହଜୁର ସ:ଆ:ସଙ୍କ ପରେ ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ଉତମ ବ୍ୟକ୍ତି ହଜରତ ଅବୁବକର ର:ଅଙ୍କୁ ପାଇଛୁ । ହଜ୍‌ରତ୍ ଉମର୍ ର:ଅ କହିଲେ, ଅଓଫ୍ ର:ଅ ସତ୍ୟ କହିଛନ୍ତି ଅଲ୍ଲାଃଙ୍କ ରାଣ ! ହଜରତ ଅବୁବକର ର:ଅ ମୁସ୍କ (ଅର୍ଥାତ କସ୍ତୁରୀ)ଠାରୁ ବଳି ପବିତ୍ର ଏବଂ ମୁଁ ନିଜ ଘର ଲୋକମାନଙ୍କ ଓଟଠାରୁ ମଧ୍ୟ ଅଧିକ ବାଟବଣା ।

*(କନଜୁଲ୍ ଆମାଲ୍....... ରିୱାୟତ ନଂ-୩୫୬୨୪.....ବେରୁତ)*

ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରୁଛନ୍ତି ଯେ:- ହଦିସ୍‌ରେ ଦରଜ ରହିଛି ହଜ୍‌ରତ୍ ଉମର୍ ର:ଅ ଓ ହଜରତ ଅବୁବକର ର:ଅଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ବଚସା ହୋଇଗଲା । ହଜ୍‌ରତ୍ ଉମର୍ ର:ଅ ଉତ୍ୟକ୍ତ ସ୍ୱଭାବର ବ୍ୟକ୍ତି ଥିଲେ ତେଣୁ ହଜରତ ଅବୁବକର ର:ଅ ଉଚିତ ମଣିଲେ ଯେ ସେଠାରୁ ଚାଲିଯିବାଟା ହିଁ ଉତମ ହେବ । ଅତଏବ ସେ ଯିବାକୁ ବାହାରିବାରୁ ହଜ୍‌ରତ୍ ଉମର୍ ର:ଅ ଆଗକୁ ବଢ଼ି ତାଙ୍କ ବସ୍ତ୍ର ଧରିନେଲେ ଏବଂ କହିଲେ, ଯେ ମୋ କଥାର ଉତର ଦିଅ ଯେବେ ହଜରତ ଅବୁବକର ର:ଅ ସେଠାରୁ ଯିବା ପାଇଁ ବାହାରିଲେ ତାଙ୍କର ସେହି ବସ୍ତ୍ରଟି ଫାଟିଗଲା । ତଥାପି ଆପଣ ନିଜ ଘରକୁ ଚାଲିଗଲେ ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅଙ୍କ ମନରେ ସନ୍ଦେହ ଉତ୍ପନ୍ନ ହେଲା ଯେ ସମ୍ଭବତଃ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନିକଟରେ ମୋ ବିଷୟରେ ଅଭିଯୋଗ କରିବାକୁ ଯାଇଛନ୍ତି । ବସ୍ତୁତଃ ସେ ପଛେ ପଛେ ବାହାରିଗଲେ ଯଦ୍ୱାରା ହଜୁର ସ:ଆ:ସଙ୍କର ନିକଟରେ ନିଜର ପକ୍ଷ ରଖିପାରିବେ କିନ୍ତୁ ମାର୍ଗରେ ହିଁ ହଜରତ ଅବୁବକର ର:ଅ ତାଙ୍କ ଦୃଷ୍ଟିରୁ ଉଭାନ ହୋଇଗଲେ ଓ ସେ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ ଦେଖିଲେ ଯେ, ସେଠାରେ ତ ଅବୁବକର ନାହାନ୍ତି ସେତେବେଳେ ତାଙ୍କ ହୃଦୟରେ ଅନୁତାପର ଭାବନା ଜାତ ହୋଇସାରିଥିଲା । ତେଣୁ ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ଦ୍ୱାରା ଭୁଲ ହୋଇଛି ମୁଁ ହଜରତ ଅବୁବକର ର:ଅଙ୍କ ସହିତ କଠୋରତା ପ୍ରଦର୍ଶନ କରିବସିଛି ତାଙ୍କର କୌଣସି ଦୋଷତ୍ରୁଟି ନାହିଁ । ଇତି ମଧ୍ୟରେ କେହି ଜଣେ ହଜରତ ଅବୁବକର ର:ଅଙ୍କୁ ଯାଇ କହିଲେ ଯେ ବୋଧ ହୁଏ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ନିକଟରେ ଆପଣଙ୍କର ଅଭିଯୋଗ କରୁଛନ୍ତି । ଅତଏବ ସେ ମଣିଲେ ଯେ ମତେ ମଧ୍ୟ ନିଜ ପକ୍ଷ ରଖିବାପାଇଁ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେବା ଉଚିତ । ଏପରି ନ ହେଉ ଯେ ଏକତରଫା କଥା ହୋଇଯାଉ । ଯେତେବେଳେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହୁଥିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ଦ୍ୱାରା ଭୁଲ ହୋଇଛି ହଜରତ ଅବୁବକର ର:ଅଙ୍କ ସହିତ ମୁଁ କଠୋରତା ପ୍ରଦର୍ଶନ କରିବସିଛି । ତାଙ୍କର କୌଣସି ଦୋଷ ନାହିଁ । ଏ କଥା ଶୁଣିବା ପରେ ହଜୁର ସ:ଆ:ସ କ୍ରୋଧିତ ହୋଇ ଉଠିଲେ ଓ କହିଲେ, ହେ ଲୋକମାନେ ! ତୁମମାନଙ୍କୁ କ'ଣ ହୋଇଯାଇଛି ? ଯେତେବେଳେ ସାରା ଦୁନିଆ ମତେ ଅସ୍ୱୀକାର କରୁଥିଲ ଏବଂ ତୁମେମାନେ ମଧ୍ୟ ମୋର ବିରୋଧ କରୁଥିଲ ସେତେବେଳେ ଅବୁବକର ମୋ ଉପରେ ବିଶ୍ୱାସ ଆଣିଲେ, ମତେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କଲେ ପୁଣି ବହୁତ ଦୁଃଖର ସହିତ କହିଲେ:- କ'ଣ ବର୍ତମାନ ମଧ୍ୟ ତୁମେ ମତେ ଓ ତାଙ୍କୁ (ହଜରତ ଅବୁବକରଙ୍କୁ) ଛାଡୁନାହଁ ? ଏକଥା ମହାଭାଗ ସ:ଆ:ସ କହୁଥିବା ବେଳେ ଇତି ମଧ୍ୟରେ ହଜରତ ଅବୁବକର ର:ଅ ପ୍ରବେଶ କଲେ ଏବଂ ନିଜ ଦୋଷ ସ୍ୱୀକାର କରି କହିଲେ "ହେ ଅଲ୍ଲାଃଙ୍କ ରସୁଲ୍ ! ଅସଲରେ ଭୁଲ୍ ମୋ ଦ୍ୱାରା ହୋଇଛି ଉମର ର:ଅଙ୍କ କୌଣସି ଭୁଲ ନାହିଁ" ଏବଂ ଏକଥା କହିବା ବେଳେ ସେ ଆଣ୍ଠେଇ ବସିଥିଲେ ।

*(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୭, ପୃ-୩୧୩-୩୧୪)*

ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ, ସେ ଲୋକମାନଙ୍କଠାରୁ ମହିଳାମାନଙ୍କ ଗର୍ଭପାତ ଓ ତାହାର କ୍ଷତିପୂରଣ (ଜୋରିମାନା) ସମ୍ବନ୍ଧରେ ପରାମର୍ଶ ଲୋଡ଼ିଲେ । ଏଥିରେ ହଜରତ ମୁଗୈରା କହିଲେ, ହଜୁର ସ:ଆ:ସ ଏପରି ଭୂଲ ପାଇଁ ଜଣେ ଦାସ ଅବା କ୍ରୀତଦାସୀର ଦାମ୍ ଦିୟତ୍ ଅର୍ଥାତ ଜୋରିମାନା ଦେବାକୁ ଧାର୍ଯ୍ୟ କରିଛନ୍ତି । ହଜ୍‌ରତ୍ ଉମର୍ ର:ଅ କହିଲେ, ଏଭଳି ବ୍ୟକ୍ତିକୁ ଆଣ ଯିଏ ତୁମ ସହିତ ଏହି କଥନର ପ୍ରମାଣ ଅର୍ଥାତ ସାକ୍ଷ୍ୟ ଦେବ ଯେ ହଜୁର ସ:ଆ:ସ ଏହି ଆଦେଶ ଦେଇଛନ୍ତି । ସେଥିଅନ୍ତେ ମୁହମ୍ମଦ ବିନ୍ ମୁସ୍‌ଲିମା ସାକ୍ଷ୍ୟ ଦେଲେ ଯେ ମୁଁ ହଜୁର ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥିତ ଥିଲି, ହଜୁର ସ:ଆ:ସ ଏହିପରି ହିଁ କହିଥିଲେ ଅର୍ଥାତ ଯଦି କୌଣସି ମହିଳା ଉପରେ ଅତ୍ୟାଚାର କରାଯାଇ ତାହାର ଛୁଆକୁ ନଷ୍ଟ କରାଯାଏ ଅବା ଅନ୍ୟ ଦ୍ୱାରା କରାଯାଏ ତେବେ ତାହାର ଦିୟତ୍ ଦେବା ବାଧ୍ୟତାମୂଳକ ଏବଂ ସେହି ଦିୟତ୍ (ଜୋରିମାନା) ହେଉଛି ଏହା କି ସେହି ଅତ୍ୟାଚାରୀ ବ୍ୟକ୍ତିଜଣକ ଜଣେ ଦାସ ଅବା କ୍ରୀତଦାସୀକୁ ସ୍ୱାଧିନ କରି ମୁକ୍ତ କରିବ ।

ହଜରତ ଅବୁ ସଇଦ୍ ବର୍ଣ୍ଣନା କରନ୍ତି, ହଜରତ ଅବୁ ମୁସା ଅଶ୍‌ଅରୀ ଏକଦା ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ହାଜର ହେବାର ଅନୁମତି ତଲବ୍ କଲେ ଓ କହିଲେ ଅସ୍ ସଲାମୁ ଅଲୈକୁମ୍ କ'ଣ ମୁଁ ଭିତରକୁ ଆସିପାରେ ? ହଜ୍‌ରତ୍ ଉମର୍ ର:ଅ ମନରେ ଏକଥା କହିଲେ, ବର୍ତମାନ ତ ଅନୁମତି ତଲବ୍ କରିଥିଲ କିଛି କ୍ଷଣ ପରେ ସେ ସେହିପରି ପୁର୍ନବାର କଲେ, ଅର୍ଥାତ ଅସ୍ ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃ ହି ୱ ବରକାତୁହୁ କହି ଅନୁମତି ମାଗିଲେ, ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ମନରେ ସେହି କଥା ପୁନରାବୃତି କଲେ ଯେ, ବର୍ତମାନ ତ ଅନୁମତି ମାଗିଥିଲ ପୁଣି ଆଉ ଥରେ କଣ ମାଗୁଛ ଏପରି ଦୁଇ ତିନିଥର ଅନୁମତି ମାଗିବା ପରେ ଅବୁ ମୁସା ଅଶ୍‌ଅରୀ ସେଠାରୁ ଫେରିଗଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଉତର ନ ଦେବାର ଶୁଣିପାରି ସେ ସେଠାରୁ ଫେରିଗଲେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଦରୱାନକୁ ପଚାରିଲେ ଯେ, ଅବୁ ମୁସା ଅସ୍‌ଅରୀ କୁଆଡ଼େ ଗଲେ ସେ ଉତର ଦେଲେ ଯେ ସେ ପ୍ରତ୍ୟାବର୍ତନ କରିଗଲେଣି । ହଜ୍‌ରତ୍ ଉମର୍ ର:ଅ କହିଲେ, ତାଙ୍କୁ ଡ଼ାକି ଆଣ ଅତଏବ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ସେ ଉପସ୍ଥିତ ହେଲେ ସେତେବେଳେ ଆପଣ ତାଙ୍କୁ ପଚାରିଲେ ଯେ ଆପଣ ଏପରି କାହିଁକି କଲେ ? ସେ ଉତର ଦେଲେ ମୁଁ ସୁନ୍ନତର ପାଳନ କଲି ଏଥିରେ ହଜରତ ଉମର ର:ଅ କହିଲେ:- ଅଲ୍ଲାଃଙ୍କ ରାଣ ! ତେବେ ତୁମକୁ ଏପରି ସୁନ୍ନତର ଦଲିଲ୍ ଓ ପ୍ରମାଣ ଦେବାକୁ ହେବ ନଚେତ ମୁଁ ତୁମ ସହିତ କଠୋରତା ପ୍ରଦର୍ଶନ କରିବି । ଏଥିରେ ଅବୁ ମୁସା ଅଶ୍‌ଅରୀ ଆମ ନିକଟକୁ ଆସିଲେ ସେତେବେଳେ ଆମେ ଅନ୍‌ସାରୀମାନଙ୍କର ଗୋଟିଏ ଦଳ ସହିତ ଥିଲୁ । ଅବୁ ସଇଦ୍ କହିଲେ, ହଜରତ ଅବୁ ମୁସା ଆମ ନିକଟକୁ ଆସିଲେ ସେତେବେଳେ ଆମେ ଅନ୍‌ସାର୍‌ମାନଙ୍କ ସହିତ ବସିଥିଲୁ । ଅବୁ ମୁସା କହିଲେ, ହେ ଅନ୍‌ସାରର ଯମାତ୍ ! କ'ଣ ତୁମେ ଅନ୍ୟମାନଙ୍କ ତୁଳନାରେ ହଜୁର ସ:ଆ:ସଙ୍କ ହଦିସ୍ ଭଲ ଭାବରେ ଜାଣିନାହଁ କ'ଣ ହଜୁର ସ:ଆ:ସ ଏକଥା କହିନଥିଲେ **ଅଲ୍‌ଇସ୍‌ତିଜାନୁ ସଲାସୁନ୍** ଅର୍ଥାତ:- ତିନିଥର ଅନୁମତି ମାଗିବା ବିଧେୟ ? ଯଦି ତୁମକୁ ଅନୁମତି ମିଳେ ତେବେ ଘର ଭିତରକୁ ପ୍ରବେଶ କରିବ ନଚେତ ସେଠାରୁ ଫେରି ଆସିବ । ଏକଥା ଶୁଣି ଲୋକେ ତାଙ୍କର ଥଟ୍ଟା ପରିହାସ କଲେ କିନ୍ତୁ ଅବୁ ସଇଦ୍ ଖୁଦ୍‌ରୀ ର:ଅ କୁହନ୍ତି ମୁଁ ଅବୁ ମୁସା ଆଡ଼କୁ ମୁଣ୍ଡ ଟେକି କହିଲି ଏହି ପ୍ରସଙ୍ଗରେ ଆପଣଙ୍କୁ ଯେଭଳି ଦଣ୍ଡ ମିଳିବ ମୁଁ ତାହାର ଭାଗୀଦାରି ହେବି । ସେ କହିଲେ, ତେବେ ଠିକ୍ ଅଛି ମୁଁ ସାକ୍ଷ୍ୟ ଦେଉଛି ଆପଣ ଠିକ୍ କଥା କହିଛନ୍ତି ବର୍ଣ୍ଣନାକାରୀ କୁହନ୍ତି ଏଥିଅନ୍ତେ ଅବୁ ସଇଦ୍ ଖୁଦ୍‌ରି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ସେହି ହଦିସ୍‌ର ଖବର ଦେଲେ ଯାହାକି ସେ ହଜୁର ସ:ଆ:ସଙ୍କଠାରୁ ଶୁଣିଥିଲେ । ଅର୍ଥାତ ତିନିଥର ଅନୁମତି ମାଗିବା ଉଚିତ ଯଦି ଅନୁମତି ମିଳେ ତେବେ ଭିତରକୁ ପ୍ରବେଶ କରିବା ଉଚିତ ନଚେତ ସେଠାରୁ ଫେରିଯିବା କଥା । ହଜ୍‌ରତ୍ ଉମର୍ ର:ଅ କହିଲେ, ଠିକ୍ ଅଛି ମତେ ଏହି ହଦିସ୍‌ର ଜ୍ଞାତ ନଥିଲା ବର୍ତମାନ ମତେ ଏହାର ଜ୍ଞାତ ହୋଇଗଲା ।

*(ସୁନନେ ତିରମିଜ୍.......ହଦିସ୍-୨୬୯୦)*

ହଜରତ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରନ୍ତି: ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ସମେତ ଆମେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ଥିଲୁ ଯେ ହଜୁର ସ:ଆ:ସ ହଠାତ୍ ଉଠି କୁଆଡ଼େ ଚାଲିଗଲେ ଏବଂ ଆପଣଙ୍କର ଫେରିବାରେ ବିଳମ୍ବ ଘଟିଲା ମତେ ଆପଣଙ୍କ ଚିନ୍ତା ଘାରିବାରୁ ମୁଁ ଆପଣଙ୍କୁ ଖୋଜିବାକୁ ବାହାରିଲି ଶେଷରେ ଆପଣଙ୍କୁ ଗୋଟିଏ ବଗିଚାରେ ପାଇଲି ଓ ସେହି ବଗିଚାଟି ବନୁ ନଜାର୍‌ର ଥିଲା ମୁଁ ତା ଚାରିପଟେ ତା'ର କବାଟ ଅର୍ଥାତ ଦ୍ୱାର ଖୋଜିବା ପାଇଁ ପରିକ୍ରମା କଲି କିନ୍ତୁ ମୁଁ ତାର ଦ୍ୱାର ପାଇଲି ନାହିଁ ପୁନଶ୍ଚ ମୁଁ ଦେଖିଲି ଯେ, ପାଣିର ଏକ ବଡ଼ ନାଳ ବାହ୍ୟ ପଟରୁ ଗୋଟିଏ କୂଅରୁ ବାହାରି ଯାଏଁ ଉଦ୍ୟାନ ମଧ୍ୟକୁ ପ୍ରଭାହିତ ହେଉଛି । ତେବେ ସେ କୁହନ୍ତି ଯେ, ମୁଁ ତହିଁରେ ଗୋଟିଏ ବିଲୁଆ ସଦୃଶ ନିଜକୁ ସଙ୍କୁଚିତ କରି ନାଳ ମାଧ୍ୟମରେ ପ୍ରବେଶ କଲି ଏବଂ ହଜୁର ସ:ଆ:ସଙ୍କ ନିକଟକୁ ଚାଲିଗଲି । ଆପଣ ମତେ ଦେଖି ପ୍ରଶ୍ନ କଲେ, ହେ ଅବୁ ହୁରୈରାଃ ମୁଁ ଉତର ଦେଲି ଆଜ୍ଞା ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ କହିଲେ କ'ଣ କଥା ? ମୁଁ କହିଲି ଆପଣ ଆମମାନଙ୍କ ମଧ୍ୟରେ ବିରାଜମାନ ଥିଲେ କିନ୍ତୁ ହଠାତ୍ କେଉଁଆଡ଼େ ଚାଲି ଆସିଲେ ଆପଣଙ୍କ ଫେରିବାରେ ବିଳମ୍ବ ହେବା ଦେଖି ମୋ ମନରେ ଭୟ ଜାତ ହେଲା ତେଣୁ ମୁଁ ବିବ୍ରତ ହୋଇ ପଡ଼ିଲି ଏବଂ ଆପଣଙ୍କୁ ଖୋଜିବାକୁ ବାହାରି ପଡ଼ିଲି । ଏଥିରେ ହଜୁର ସ:ଆ:ସ ମତେ ନିଜର ଜୋତା ପ୍ରଦାନ କଲେ ଏବଂ କହିଲେ, ହେ ଅବୁ ହୁରୈରାଃ ! ମୋର ଏହି ଦୁଇଟିଯାକ ଜୋତା ନେଇଯାଅ ଏବଂ ଯିଏ ତୁମକୁ ଏହି ଉଦ୍ୟାନର ଆରପଟରେ ମିଳିବ ଏବଂ ସେ ଏହି ସାକ୍ଷ୍ୟ ଦେଉଥିବ ଯେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହନ୍ତି ଓ ସେ ନିଜ ସ୍ୱହୃଦୟରୁ ଏହି କଥା ଉପରେ ଦୃଢ଼ ବିଶ୍ୱାସ ରଖୁଥିବ ତେବେ ତାହାକୁ ବୈକୁଣ୍ଠର ଶୁଭ ସମାଚାର ପ୍ରଦାନ କରିଦିଅ ।

ହଜରତ ଅବୁ ହୁରୈରାଃ ର:ଅ କୁହନ୍ତି ମୁଁ ଯେତେବେଳେ ସେଠାରୁ ପ୍ରସ୍ଥାନ କଲି ସେତେବେଳେ ମତେ ସର୍ବପ୍ରଥମେ ହଜ୍‌ରତ୍ ଉମର୍ ର:ଅ ଭେଟ ହେଲେ ସେ ମତେ କହିଲେ, ହେ ଅବୁ ହୁରୈରାଃ ! ଏହି ଜୋତା କାହାର ? ଅବୁ ହୁରୈରାଃ ର:ଅ ଉତର ଦେଲେ ହଜୁର ସ:ଆ:ସଙ୍କର । ହଜୁର ସ:ଆ:ସ ଏହି ଜୋତା ମତେ ନିଜକୁ ସନ୍ତକରୂପେ ପ୍ରଦାନ କରିଛନ୍ତି ଏବଂ ମତେ କହିଛନ୍ତି ଯେଉଁ ବ୍ୟକ୍ତି ତୁମକୁ ପ୍ରଥମେ ଭେଟିବେ ତୁମେ ତାହାକୁ ଏହି ଶୁଭସମାଚାର ପ୍ରଦାନ କରିବ ଯଦି ସେ ଏହି ସାକ୍ଷ୍ୟ ଦେବେ ଯେ ଅଲ୍ଲାଃଙ୍କ ବ୍ୟତିତ କେହି ଉପାସ୍ୟ ନୁହନ୍ତି ଏବଂ ନିଜ ବିଶ୍ୱାସରେ ଅବିଚଳ ଓ ଅଟଳ ରହିଥିବେ ତେବେ ତାଙ୍କୁ ବୈକୁଣ୍ଠର ଶୁଭସମାଚାର ପ୍ରଦାନ କରିବ । ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ କ୍ରୋଧିତ ହୋଇ ଉଠିଲେ, ଏବଂ ମୋ ଛାତିରେ ଜୋର୍‌ରେ ହାତ ମାରିଲେ ଯଦ୍ୱାରା ମୁଁ ପଛକୁ ଘୁଂଚି ଗଲି ଓ ଭୂଇଁରେ ପଡ଼ିଗଲି । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅବୁ ହୁରୈରାଃ ! ଫେରିଯାଅ କାହାରିକୁ କିଛି କହିବାର ଆବଶ୍ୟକତା ନାହିଁ । ସୁତରାଂ ହଜରତ ଅବୁ ହୁରୈରାଃ ର:ଅ କହିଲେ, ମୁଁ ହଜୁର ସ:ଆ:ସଙ୍କ ନିକଟକୁ ଫେରି ଆସିଲି ଏବଂ ରୋଦନ କଲି ଇତି ମଧ୍ୟରେ ହଜୁର ସ:ଆ:ସଙ୍କ ନିକଟରେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ଆସି ପହଂଚିଗଲେ ମତେ ରୋଦନ କରିବା ଦେଖି ହଜୁର ସ:ଆ:ସ କହିଲେ, ହେ ଅବୁ ହୁରୈରାଃ ତୁମର କ'ଣ ହୋଇଛି ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ମୁଁ ବାଟରେ ଯାଉଥିଲି ହଜ୍‌ରତ୍ ଉମର୍ ର:ଅଙ୍କୁ ଭେଟିଲି ଏବଂ ତାଙ୍କୁ ଆପଣଙ୍କର ସନ୍ଦେଶ ଦେଲି କିନ୍ତୁ ହଜ୍‌ରତ୍ ଉମର୍ ର:ଅ ମତେ ନିଜ ହସ୍ତର ବଳାଘାତ କଲେ ଯଦ୍ୱାରା ମୁଁ ଭୂମିରେ ପଡ଼ିଗଲି । ହଜ୍‌ରତ୍ ଉମର୍ ର:ଅ ମତେ କହିଲେ, ଫେରିଯାଅ ଏଥିରେ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, ତୁମେ ଏପରି କାହିଁକି କଲ ? ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ କ'ଣ ଆପଣ ହିଁ ଅବୁ ହୁରୈରାଃ ର:ଅଙ୍କୁ ନିଜର ଜୋତା ସହିତ ପ୍ରେରଣ କରିଥିଲେ ଏବଂ ଏଭଳି କହିବାକୁ କହିଥିଲେ ? ହଜୁର

ସ:ଆ:ସ କହିଲେ ହଁ ଏହିପରି ହିଁ କହିଥିଲି । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ଏପରି କରନ୍ତୁନାହିଁ କାରଣ ମୁଁ ଆଶା କରୁଛି ଯେ, ଏପରି କରିବା ଦ୍ୱାରା ଲୋକମାନେ ଏହି ସୁଯୋଗର ଆଶାରେ ହିଁ ଅପେକ୍ଷାରତ ରହିବେ ତେଣୁ ଆପଣ ସ:ଆ:ସଙ୍କ ପକ୍ଷରେ ଏହା ଉଚିତ ହେବ କି ଆପଣ ମୁସଲମାନମାନଙ୍କୁ ସେମାନଙ୍କର କର୍ମ କରିବାକୁ ଦିଅନ୍ତୁ ଏବଂ ନିଜର ପୂଣ୍ୟକର୍ମଗୁଡ଼ିକୁସମ୍ପାଦନ କରିବା ପ୍ରତି ଆଦେଶ ଦିଅନ୍ତୁ । ପବିତ୍ର କୁର୍‌ଆନ୍‌ରେ ଯେଉଁ ଆଦେଶବଳୀ ରହିଛି ତାହାକୁ ସେମାନେ ପାଳନ କରନ୍ତୁ । କାରଣ ଏପରି କରିବା ଦ୍ୱାରା ସେମାନେ ଜଣେ ପ୍ରକୃତ ବିଶ୍ୱାସକାରୀ ଭାବରେ ନିଜକୁ ଗଢ଼ି ତୋଳିବେ ଅନ୍ୟଥା ସେମାନେ ଏହି କଥା ଉପରେ ହିଁ ଭରଷା କରି ରହିଯିବେ ଯେ, ଲା ଇଲାହା ଇଲ୍ଲଲ୍ଲାହ୍ କହିବା ଦ୍ୱାରା ତାଙ୍କୁ ସ୍ୱର୍ଗ ପ୍ରାପ୍ତି ହୋଇଯିବ (ତେଣୁ ପୂଣ୍ୟ କର୍ମ କରିବାକୁ ଆଉ ମନ ବଳାଇବେ ନାହିଁ ତା'ର ଆବଶ୍ୟକତାକୁ ବୋଧ କରିବେନାହିଁ) ସୁତରାଂ ହଜୁର ସ:ଆ:ସ କହିଲେ ଯଦି ଏପରି କଥା ତେବେ ଠିକ୍ ଅଛି ଏକଥା ରହିବାକୁ ଦିଅ । ***(ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍....... ହଦିସ୍-୧୪୭)*** ଏହିଭଳି ହିଁ ଲୋକମାନଙ୍କୁ ନିଜର କର୍ମ କରିବାକୁ ଦିଅ ଅତଏବ ତହିଁରୁ ଏହା ଜଣାପଡୁଛି ଯେ ହଜ୍‌ରତ୍ ଉମର୍ ର:ଅଙ୍କର କିଭଳି ଜଣେ ସଚେତନ ସ୍ୱଭାବର ବ୍ୟକ୍ତି ଥିଲେ ।

ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖି ସଇତାନ ଭୟରେ ପଳାୟନ କରିଥାଏ । ଏ ସଂକ୍ରାନ୍ତରେ କେତେକ ବର୍ଣ୍ଣନା ରହିଛି । ସହି ବୁଖାରୀରେ ଏକ ବର୍ଣ୍ଣନା ରହିଛି ହଜରତ ସାଆଦ୍ ବିନ୍ ୱିକାସ ର:ଅ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଆସିବା ନିମନ୍ତେ ଅନୁମତି ଲୋଡ଼ିଲେ । ହଜୁର ସ:ଆ:ସ ସେତେବେଳେ କୁରୈଶ୍‌ମାନଙ୍କର କେତେକ ମହିଳାମାନଙ୍କ ସହିତ ବସିଥିଲେ । ସେମାନେ ହଜୁର ସ:ଆ:ସଙ୍କ ସହିତ କଥାବାର୍ତା ହେଉଥିଲେ ଏବଂ ହଜୁରଙ୍କୁ ଅଧିକ ଖର୍ଚ୍ଚ ମାଗୁଥିଲେ । ସେମାନଙ୍କର ସ୍ୱର ହଜୁର ସ:ଆ:ସଙ୍କ ସ୍ୱରଠାରୁ ଉଚ୍ଚ ହେଇଯାଉଥିଲା ଅତଏବ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଭିତରକୁ ଆସିବାପାଇଁ ଅନୁମତି ଚାହିଁଲେ ସେତେବେଳେ ସେହି ମହିଳାମାନେ ସେଠାରୁ ଉଠି ପରଦା ଆଢୁଆଳକୁ ଚାଲିଗଲେ । ଫଳତଃ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଆସିବାପାଇଁ ଅନୁମତି ପ୍ରଦାନ କଲେ, ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ଆସି ବସିଲେ ସେତେବେଳେ ହଜୁର ସ୍ମିତହାସ୍ୟ ପ୍ରକାଶ କଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଅଲ୍ଲାଃ ତାଲା ଆପଣଙ୍କୁ ସର୍ବଦା ପ୍ରସନ୍ନ ରଖନ୍ତୁ । ହଜୁର କହିଲେ, ମୁଁ ସେହି ମହିଳାମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଉଛି ଯେ ଯେତେବେଳେ ସେମାନେ ଆପଣଙ୍କର ସ୍ୱର ଶୁଣିଲେ ସେତେବେଳେ ସେମାନେ ଶିଘ୍ର ପରଦା ଆଢୁଆଳକୁ ଚାଲିଗଲେ ! ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ସଭିଙ୍କଠାରୁ ଅଧିକ ମର୍ଯ୍ୟାଦାପୂର୍ଣ୍ଣ ଓ ମହାମାନ୍ୟ ବ୍ୟକ୍ତି ଅଟନ୍ତି ତେଣୁ ସେମାନେ ମୋ ଅପେକ୍ଷା ଆପଣଙ୍କ ପ୍ରତି ଅଧିକ ସମ୍ମାନ ପ୍ରଦର୍ଶନ କରିବା ଓ ଆପଣଙ୍କୁ ଅଧିକ ଭୟ କରିବା ବିଧେୟ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ମହିଳାମାନଙ୍କୁ ସମ୍ବୋଧିତ କରି କହିଲେ, ହେ ନିଜର ଜୀବନର ଶତ୍ରୁ ! କ'ଣ ତୁମେମାନେ ମତେ ଭୟ କରୁଛ, ହଜୁର ସ:ଆ:ସଙ୍କୁ ଭୟ କରୁନାହଁ ? ସେମାନେ ଉତର ଦେଲେ ଆଜ୍ଞା ଆପଣ ତ' କଠୋର ସ୍ୱଭାବର ଓ ନିଷ୍ଠୁର ହୃଦୟର ବ୍ୟକ୍ତି କିନ୍ତୁ ହଜୁର ସ:ଆ:ସ ଆପଣଙ୍କ ପରି ନିଷ୍ଠୁର ଓ କଠୋର ହୃଦୟ ନୁହନ୍ତି । ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ, ହେ ଖତାବ୍‌ଙ୍କ ପୁତ୍ର ! ଶୁଣ ମୁଁ ସେହି ସତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି । ସଇତାନ ଯେତେବେଳେ ବି ତମୁ ମାର୍ଗରେ ଚାଲୁଥିବାର ଦେଖାଯାଏ, ସେ ନିଜ ପଥକୁ ପରିତ୍ୟାଗ କରି ନିଶ୍ଚିତ ରୂପେ ଅନ୍ୟ ଏକ ମାର୍ଗକୁ ଆପଣେଇଥାଏ ।

***(ସହି ବୁଖାରୀ... ହଦିସ୍-୩୬୮୩)***

ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେ, ଏକଦା ହଜୁର ସ:ଆ:ସ ବସିଥିଲେ ଯେ ଆମେମାନେ କିଛି ପାଟିତୁଣ୍ଡ ଶୁଣିବାକୁ ପାଇଲୁ ଏବଂ ପିଲାମାନଙ୍କର କୋଳାହଳ ମଧ୍ୟ ଶୁଣିଲୁ । ହଜୁର ସ:ଆ:ସ ଛିଡ଼ା ହୋଇ ପଡ଼ିଲେ । ସେଠାରେ ହବ୍‌ଶାର ଜଣେ ମହିଳା ମଧ୍ୟ ଥିଲେ ଯିଏ ନୃତ୍ୟ ପରିବେଶଣ କରୁଥିଲେ । ପିଲାମାନେ ତାଙ୍କର ଆଖପାଖରେ ଏକତ୍ରିତ ହୋଇଯାଇଥିଲେ । ରସୁଲେ୍ କରିମ୍ ସ:ଆ:ସ କହିଲେ, ଆଇଶା ଆସ ନାଚ ଦେଖିବ ମୁଁ ଆସିଲି ଏବଂ ନିଜର ଥୋଡ଼ି ହଜୁର ସ:ଆ:ସଙ୍କ କାନ୍ଧ ଉପରେ ରଖି ଦେଖିବାକୁ ଲାଗିଲି । ମୋ ଥୋଡ଼ିଟି ଆପଣଙ୍କ କାନ୍ଧ ଓ ଆପଣଙ୍କ ପବିତ୍ର ମସ୍ତକ ମଧ୍ୟରେ ରହିଥିଲା । ପୁନଶ୍ଚ ଆପଣ ସ:ଆ:ସ ମତେ କହିବାକୁ ଲାଗିଲେ ହେ ଆଇଶା ! କ'ଣ ତୁମର ମନ ବୋଧ ହେଲା ତ ? ମୁଁ କହିଲି ନା ମୋ ମନ ଏପର୍ଯ୍ୟନ୍ତ ବୋଧ ହୋଇନାହିଁ । କାରଣ ମୁଁ ଏହା ଦେଖିବାକୁ ଚାହୁଁଥିଲି ଯେ ହଜୁର ସ:ଆ:ସଙ୍କ ମୋ ପ୍ରତି କେତେ ଚିନ୍ତା ରହିଛି । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ସେଠାରେ ଆସି ପହଂଚିଲେ ସେତେବେଳେ ସେଠାରୁ ଲୋକମାନେ ଏଣେତେଣେ ପଳାୟନ କରିଗଲେ । ହଜରତ ଆଇଶା ର:ଅ କୁହନ୍ତି ରସୁଲେ୍ କରିମ ସ:ଆ:ସ କହିଲେ, ମୁଁ ଏହା ଅବଲୋକନ କଲି ଯେ ଜିନ୍ ଓ ମନୁଷ୍ୟମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖି ଭୟରେ ପଳାୟନ କରୁଛନ୍ତି । ହଜରତ ଆଇଶା ର:ଅ କୁହନ୍ତି ଯେ, ପୁନଶ୍ଚ ମୁଁ ମଧ୍ୟ ସେଠାରୁ ଚାଲି ଆସିଲି ।

ହଜରତ ବୁରୈଦାଃ ର:ଅ ବର୍ଣ୍ଣନା କରନ୍ତି: ରସୁଲେ୍ କରିମ୍ ସ:ଆ:ସ କୌଣସି ଏକ ଯୁଦ୍ଧରୁ ଫେରିଲେ ସେତେବେଳେ ଏକ କୃଷ୍ଣବର୍ଣ୍ଣ ଦାସି ଆସି କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ଗୋଟିଏ ମାନସିକ କରିଥିଲି ଯେ ଅଲ୍ଲାଃ ତାଲା ଯଦି ଆପଣ ସ:ଆ:ସଙ୍କୁ ଯୁଦ୍ଧରୁ କୁଶଳରେ ଫେରାଇ ଆଣନ୍ତି ତେବେ ମୁଁ ଆପଣଙ୍କ ସମ୍ମୁଖରେ ଢ଼ୋଲ ବଜାଇବି ଓ ଗୀତ ଗାଇବି । ମୁଁ ଏହି ମାନସିକ କରିଥିଲି । ହଜୁର ସ:ଆ:ସ କହିଲେ, ତେବେ ତାହାକୁ ତୁମେ ପୂରଣ କରିପାର ଅବା ନ କରିପାର । ଏକଥା ଶୁଣି ସେହି ମହିଳାଜଣକ ଢ଼ୋଲ ବଜାଇବାକୁ ଲାଗିଲା । ହଜରତ ଅବୁବକର ର:ଅ ଆସିଲେ ଏବଂ ମହିଳାଜଣକ ସେହିପରି ଢ଼ୋଲ ବଜାଉଥିଲେ । ପୁନଶ୍ଚ ହଜରତ ଉସ୍‌ମାନ୍ ର:ଅ ଆସିଲେ, କିନ୍ତୁ ସେ ନିଜ ଢ଼ୋଲ ବଜାଇବା ବନ୍ଦ କଲେନାହିଁ । ଇତି ମଧ୍ୟରେ ହଜରତ ଅଲୀ ମଧ୍ୟ ଆସିଲେ କିନ୍ତୁ ସେ ନିଜ କାର୍ଯ୍ୟ ଅଭ୍ୟାହତ ରଖିଲେ କିନ୍ତୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଆସି ପହଂଚିଲେ ସେତେବେଳେ ସେ ନିଜର ଢ଼ୋଲ ବଜାଇବା ବନ୍ଦ କରିଦେଲେ ଓ ତା ଉପରେ ବସିପଡ଼ିଲେ । ରସୁଲେ କରିମ୍ ସ:ଆ:ସ କହିଲେ, ହେ ଉମର ! ସଇତାନ ବି ତୁମକୁ ଭୟ କରେ । ମୁଁ ବସିଥିଲି ଯେ ସେତେବେଳେ ଏହି ମହିଳାଜଣକ ଢ଼ୋଲ ବଜାଇ ଚାଲିଥିଲା ପୁନଶ୍ଚ ହଜରତ ଅବୁବକର ର:ଅ ଆସିଲେ, ଉସ୍‌ମାନ୍ ଆସିଲେ ଓ ହଜରତ ଅଲୀ ର:ଅ ମଧ୍ୟ ଆସିଲେ କିନ୍ତୁ ସେ ଢ଼ୋଲ ବଜାଇବା ବନ୍ଦ କଲାନାହିଁ କିନ୍ତୁ ହେ ଉମର ! ଯେତେବେଳେ ତୁମେ ଆସିଲ ସେତେବେଳେ ସେ ନିଜ ଢ଼ୋଲ ବଜାଇବା ବନ୍ଦ କରିଦେଲା । ***(ସୁନନେ ତିର୍‌ମିଜ୍.......ହଦିସ୍-୩୬୯୦)***

ହଜରତ ମସିହ ମଉଦ ଆ:ସ କୁହନ୍ତି: ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଥିଲେ ଯଦି ସଇତାନ ତୁମକୁ କୌଣସି ମାର୍ଗରେ ଦେଖେ ସେତେବେଳେ ସେ ଅନ୍ୟମାର୍ଗକୁ ଆପଣେଇ ନେଇଥାଏ ଅର୍ଥାତ ତୁମକୁ ଭୟ କରି ତୁମ ମାର୍ଗ ଛାଡ଼ି ଚାଲିଯାଏ । ତହିଁରୁ ଏହା ପ୍ରମାଣିତ ହେଉଛି ଯେ ସଇତାନ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖିବା ମାତ୍ରେ ଜଣେ ନଂପୁସକ ଓ ତୀରସ୍କୃତ ବ୍ୟକ୍ତି ପରି ପଳାୟନ କରିଥାଏ" ।

ହଜ୍‌ରତ୍ ଉମର୍ ର:ଅଙ୍କ ତୁଣ୍ଡ ଓ ହୃଦୟ ଉପେର ସତ୍ୟ ଓ ଶାନ୍ତି ପ୍ରସଙ୍ଗରେ ହଜୁର ସ:ଆ:ସ ଏକଦା ଏପରି କହିଥିଲେ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରନ୍ତି ରସୁଲେ କରିମ୍ ସ;ଆ;ସ କହିଲେ, ଅଲ୍ଲାଃ ତାଲା ହଜ୍‌ରତ୍ ଉମର୍ ର:ଅଙ୍କ ତୁଣ୍ଡ ଓ ହୃଦୟରେ ସତ୍ୟବଚନ ଜାରି କରିଦେଇଛନ୍ତି । ***(ସୁନନେ ତିର୍‌ମିଜ୍.......ହଦିସ୍-୩୬୮୨)***

ହଜରତ ଇବ୍‌ନେ ଅବାସ୍ ର:ଅ ନିଜର ଭାଇ ଫଜଲ୍‌ଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ମୁଁ ହଜୁର ସ:ଆ:ସଙ୍କୁ ଏକଥା କହୁଥିବାର ଶୁଣିଲି ଯେ ମହାଭାଗ ସ:ଆ:ସ କହୁଥିଲେ ହଜ୍‌ରତ୍ ଉମର୍ ର:ଅ ମୋ ସାଥିରେ ରହିଥାନ୍ତି ଯେଉଁ ସ୍ଥଳେ ମୁଁ ତାଙ୍କ ଉପସ୍ଥିତିକୁ ପସନ୍ଦ କରିଥାଏ ଏବଂ ମୁଁ ତାଙ୍କ ସାଥିରେ ରହିଥାଏ ଯେଉଁ ସ୍ଥଳେ ସେ ମୋ ଉପସ୍ଥିତିକୁ ପିସନ୍ଦ କରିଥାନ୍ତି । ମୋ ଅନ୍ତେ ଉମର ବିନ୍ ଖତାବ୍ ଯେଉଁ ସ୍ଥଳେ ମଧ୍ୟ ରହିବେ ସତ୍ୟ ତାଙ୍କ ସାଥିରେ ରହିଥିବ । ***(ସିରତ୍ ଉମର ବିନ୍ ଖାତବ୍.... ଅଜ୍ ଇବ୍‌ନୁଲ୍ ଜୁଜି ପୃ-୨୧ ଅଲ୍‌ମିସ୍‌ରିୟତୁଲ୍ ଅଜ୍‌ହର୍)***

ହଜରତ ଅଲୀ ର:ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ପରସ୍ପର ମଧ୍ୟରେ ବାର୍ତାଳାପ କରୁଥିଲୁ କି ହଜ୍‌ରତ୍ ଉମର୍ ର:ଅଙ୍କ ମୁଖ ଓ ହୃଦୟରୁ ଶାନ୍ତି ଏବଂ ସ୍ଥିରତା ଜାରି ହୋଇଥାଏ । ***(କନଜୁଲ୍ ଅମାଲ୍.... ଖଣ୍ଡ-୧୨... ରିୱାୟତ୍-୩୫୮୭୦ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା- ୨୦୦୪)*** ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ହଜୁର ସ:ଆ:ସ ନିଜର ଜଣେ ପତ୍ନୀଙ୍କୁ କହିଲେ ଯେ ଯାତ୍ରା ପାଇଁ ମୋର ସାମଗ୍ରୀ ପ୍ରସ୍ତୁତ କରିବା ଆରମ୍ଭ କରିଦିଅ । ଯାତ୍ରା ନିମନ୍ତେ ଯାତ୍ରା ସାମଗ୍ରୀ ପ୍ରସ୍ତୁତ କଲେ ଏବଂ ହଜରତ ଆଇଶା ର:ଅଙ୍କୁ କହିଲେ, ମୋ ପାଇଁ ଛତୁଆ ଇତ୍ୟାଦି ତଥା ଶସ୍ୟ ଇତ୍ୟାଦି ସାମଗ୍ରୀକୁ ଭାଜି ପ୍ରସ୍ତୁତ କରିଦିଅ । ସେ କାଳରେ ଏହି ପ୍ରକାର ଖାଦ୍ୟ ଉପଲବ୍ଧ ଥିଲା । ଅତଏବ ସେ ଶସ୍ୟ ଇତ୍ୟାଦି ପଦାର୍ଥରୁ ମାଟି ଛାଟି ଶସ୍ୟ ବୀଜ ଗୁଡ଼ିକୁ ସଫା କରିବାକୁ ଲାଗିଲେ । ହଜରତ ଅବୁବକର ର:ଅ ନିଜ ପୁତ୍ରୀଙ୍କ ଘରକୁ ଆସିଲେ ଏବଂ ଯେତେବେଳେ ଏହି ପ୍ରସ୍ତୁତିକୁ ଦେଖିଲେ ସେତେବେଳେ ପଚାରିଲେ ହେ ଆଇଶା ଇଏ କ'ଣ ଚାଲିଛି ? ହଜୁର ସ:ଆ:ସ କ'ଣ କୌଣସି ଯାତ୍ରା ପାଇଁ ବାହାରୁଛନ୍ତି କି ? ହଜରତ ଆଇଶା ର:ଅ କହିବାକୁ ଲାଗିଲେ ହଁ ସମ୍ଭବତଃ କୌଣସି ଯାତ୍ରା ପାଇଁ ହଜୁର ସ:ଆ:ସ ବାହାରୁଛନ୍ତି ଏବଂ ମତେ ଏହି ପ୍ରସ୍ତୁତି କରିବାପାଇଁ ଆଦେଶ ଦେଇଛନ୍ତି । ହଜରତ ଅବୁବକର ର:ଅ କହିବାକୁ ଲାଗିଲେ ବୋଧ ହୁଏ ହଜୁର ସ:ଆ:ସ କୌଣସି ଯୁଦ୍ଧ ଅଭିଯାନରେ ବାହାରିଛନ୍ତି କି ? ହଜରତ ଆଇଶା ର:ଅ ଏଥିରେ କହିଲେ, ସେ ବିଷୟରେ ମୋର କୌଣସି ଧାରଣା ନାହିଁ । ଆମକୁ ତ କେବଳ ଏତିକି ନିର୍ଦ୍ଦେଶ ମିଳିଛି ଯେ ଆମେ ଆପଣଙ୍କର ଯାତ୍ରା ସମାଗ୍ରୀଗୁଡ଼ିକର ପ୍ରବନ୍ଧ କରିବୁ । ଅତଏବ ଆମେ ତାହା ହିଁ କରୁଅଛୁ । ଦୁଇ ତିନିଦିନ ପରେ ହଜୁର ସ:ଆ:ସ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼ାକିଲେ ଏବଂ କହିଲେ, ଦେଖ ! ତୁମେ ଏକଥା ଜାଣିଛ ଯେ ଖୁଜାଅର ଲୋକମାନେ ଏହିଭଳି ଆସିଥିଲେ ଏବଂ ସେମାନେ ମତେ ଏହା ବତାଇଲେ ପୁଣି ଈଶ୍ୱର ମତେ ଏହି ଘଟଣା ପୂର୍ବରୁ ସୁଚିତ କଲେ ଅର୍ଥାତ ପ୍ରକୃତ ଘଟଣା ସମ୍ପର୍କରେ ସୁଚନା ପ୍ରଦାନ କଲେ ଯେ, ସେମାନେ ବିଶ୍ୱାସ ଘାତକତା କରିଛନ୍ତି ଅର୍ଥାତ "ମକ୍କାବାସୀ ବିଶ୍ୱାସଘାତକତା କରିଛନ୍ତି" ଆମ ସହିତ ଯେଉଁ ଚୁକ୍ତି ରହିଥିଲା ତାହାର ସେମାନେ ଭଙ୍ଗ କରିଛନ୍ତି । ବର୍ତମାନ ଏହା ବିଶ୍ୱାସ ବିରୋଧୀୟ ଯେ ଆମେମାନେ ମକ୍କାବାସୀଙ୍କ ସାହାସିକତା ଓ ଶକ୍ତିକୁ ଦେଖି ଭୟଭୀତ ହୋଇପଡ଼ିବୁ ଏବଂ ତାଙ୍କ ବିଷୟରେ ଲଢ଼ିବା ପାଇଁ ପ୍ରସ୍ତୁତ ହେବୁନାହିଁ । ସେ ଯାହା ହେଉ ନା କାହିଁକି ସେ ବିଷୟରେ ମତେ ତୁମମାନଙ୍କର ପରାମର୍ଶ ଦରକାର । ମୁଁ ତୁମମାନଙ୍କର ମତାମତ ଲୋଡୁଛି । ଏଥିରେ ହଜରତ ଅବୁବକର ର:ଅ କହିଲେ, ହେ ଅଲ୍ଲାଃ ତାଲାଙ୍କ ବାର୍ତାବହ ! ଆପଣ ସେମାନଙ୍କ ସହିତ ଚୁକ୍ତି କରିଥିଲେ ସେମାନେ ହେଉଛନ୍ତି ଆପଣଙ୍କ ଜାତିର ଓ ଆପଣଙ୍କ ଗୋଷ୍ଠୀର । କହିବାର ତାତ୍ପର୍ଯ୍ୟ ଏହି କି ଯେ, କ'ଣ ହଜୁର ନିଜ ଜାତି ନିଜ ଭାଇମାନଙ୍କ ସହିତ ଲଢ଼ିବେ ଓ ତାଙ୍କୁ ଦଣ୍ଡିତ କରିବେ ଓ ନିଜ ଲୋକମାନଙ୍କୁ ମାରିବେ ? ହଜୁର ସ:ଆ:ସ ଉତର ଦେଲେ ଆମେ ନିଜ ଭାଇ ନିଜ ଜାତିର ଲୋକମାନଙ୍କୁ ହତ୍ୟା କରିବୁ ନାହିଁ ବରଂ କେବଳ ଚୁକ୍ତି ଭଙ୍ଗ କରିଥିବା ଲୋକମାନଙ୍କୁ ମାରିବୁ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅଙ୍କୁ ହଜୁର ସ:ଆ:ସ ପଚାରିବାରୁ ସେ କହିଲେ ବିସ୍‌ମିଲ୍ଲାଃ ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ତ ସବୁଦିନ ଏହି ପ୍ରାର୍ଥନା କରୁଥିଲି ଯେ ଆମକୁ ଏପରି ସୁଯୋଗ ପ୍ରାପ୍ତ ହେଉ ଓ ଆମେମାନେ ହଜୁର ସ:ଆ:ସଙ୍କ ସୁରକ୍ଷା ପାଇଁ ଅବିଶ୍ୱାସକାରୀଙ୍କ ସହିତ ଲଢ଼ିବୁ । ହଜୁର ସ:ଆ:ସ କହିଲେ, ଅବୁବକର ଅତ୍ୟନ୍ତ କୋମଳ ସ୍ୱଭାବର ବ୍ୟକ୍ତି କିନ୍ତୁ ସତ୍ୟ ବଚନ ଉମରଙ୍କ ମୁହଁରୁ ଅଧିକ ଜାରି ହୋଇଥାଏ (ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ସର୍ବଦା ସତ ହିଁ କହିଥାନ୍ତି) ପୁଣି ହଜୁର ସ:ଆ:ସ ଏଥିଅନ୍ତେ (ହଜରତ ଆଇଶା ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ) ମୋ ପାଇଁ ମୋ ଯାତ୍ରା ନିମନ୍ତେ ଜିନିଷର ବ୍ୟବସ୍ଥା କର । ଏଥିଅନ୍ତେ ଆପଣ ଅର୍ଥାତ ହଜୁର ସ:ଆ:ସ ଆଖପାଖ ଅଂଚଳର କବିଲାରେ ଅର୍ଥାତ ଗୋଷ୍ଠୀମାନଙ୍କୁ ଘୋଷଣା ପତ୍ର ପ୍ରେରଣ କରିଦେଲେ ଯେ, ଯେଉଁମାନେ ଅଲ୍ଲାଃ ଓ ତାଙ୍କର ରସୁଲ୍‌ଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଛନ୍ତି ସେ ରମ୍‌ଜାନ ମାସର ପ୍ରାରମ୍ଭିକ ଦିନରେ ମଦିନାରେ ଏକତ୍ରିତ ହୋଇଯାଆନ୍ତୁ ସୁତରାଂ । ସୈନ୍ୟଦଳ ଏକତ୍ରିତ ହେବାକୁ ଲାଗିଲେ ଏବଂ ଅନେକ ହଜାର ସୈନ୍ୟବାହିନୀ ପ୍ରସ୍ତୁତ ହୋଇଗଲା । ହଜୁର ସ:ଆ:ସ ଯୁଦ୍ଧ ଲଢ଼ିବା ପାଇଁ (ମକ୍କା ଅଭିମୁଖେ) ବାହାରି ପଡ଼ିଲେ" । ***(ସେରେ ରୁହାନୀ (୭), ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୪, ପୃ-୨୬୦-୨୬୧)***

ହଜରତ ଅବୁବକର ର:ଅଙ୍କର ଓ ହଜ୍‌ରତ୍ ଉମର୍ ର:ଅଙ୍କର ମହାତ୍ମ୍ୟତା ସମ୍ପର୍କରେ ଏକ ବର୍ଣ୍ଣନା ଏପରି ଦରଜ ରହିଛି । ହଜରତ ଅବୁ ସଇଦ୍ ଖୁଦ୍‌ରୀ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ କହିଲେ: ଇଲ୍ଲିୟିନ୍‌ମାନଙ୍କ ମଧ୍ୟରୁ (ଅର୍ଥାତ ବୈକୁଣ୍ଠର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିବା ବ୍ୟକ୍ତିମାନଙ୍କୁ ଇଲିଇନ୍ କୁହନ୍ତି, ସେମାନଙ୍କ ମଧ୍ୟରୁ) ଜଣେ ବୈକୁଣ୍ଠକୁ ଝାଙ୍କି ଦେଖିବ ଓ ସେତେବେଳେ ତାହାର ମୁଖମଣ୍ଡଳ ଯୋଗୁଁ ସ୍ୱର୍ଗପୁର ଦିପ୍ତିମୟ ହୋଇଯିବ । ଏମିତି ଲାଗୁଥିବ ଯେମିତି ତାହା ଏକ ଉଜ୍ଜ୍ୱଳ ତାରା ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ତନ୍ମଧ୍ୟରୁ ଅନ୍ୟତମ (ଅର୍ଥାତ ସେହି ଦିପ୍ତିମୟ ତାରକା ପରି) ଏବଂ ସେହି ଦୁଇଜଣ ବହୁତ ଉତମ ଅଟନ୍ତି । ***(ସୁନନେ ଅବୁ ଦାଉଦ୍ .... ହଦିସ୍.....୩୯୮୭)***

ଅବୁ ଉସ୍‌ମାନ୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ହଜରତ ଉମ୍‌ରୋ ବିନ୍ ଆସ ର:ଅଙ୍କୁ ଜାତୁସ୍ ସଲାସିଲ୍ ସୈନ୍ୟଦଳର ସେନାପତି ରୂପେ ନିଯୁକ୍ତ କରି ପ୍ରେରଣ କଲେ । ଜାତୁସ୍ ସଲାସିଲ୍ ମଦିନାରୁ ଗୋଟିଏ ଦିନର ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ରନାମା ଏବଂ ୱାଦିଲ୍ କୁରା ଆଗକୁ ଜୁଜା କବିଲା ମକ୍କା ଇଲାକାର ଏକ କୂଅର ନାମ ଥିଲା । ହଜରତ ଉମ୍‌ରୋ ର:ଅ କୁହନ୍ତି ମୁଁ ଯେତେବେଳେ ହଜୁର ସ:ଆ:ସଙ୍କ ନିକଟକୁ ଆସିଲି ସେତେବେଳେ ମୁଁ ଆପଣଙ୍କୁ ପଚାରିଲି ଯେ, ମହିଳାମାନଙ୍କ ମଧ୍ୟରୁ ହଜୁର ସ:ଆ:ସଙ୍କୁ କିଏ ସବୁଠାରୁ ଅଧିକ ପ୍ରୀୟ । ହଜୁର ଉତର ଦେଲେ ହଜରତ ଆଇଶା ର:ଅ । ମୁଁ କହିଲି ପୁରୁଷମାନଙ୍କ ମଧ୍ୟରୁ ହଜୁର ସ:ଆ:ସଙ୍କୁ କିଏ ସବୁଠାରୁ ଅଧିକ ପ୍ରୀୟ ? ହଜୁର ଉତର ଦେଲେ ହଜରତ ଆଇଶା ର:ଅଙ୍କ ପିତାଶ୍ରୀ (ଅର୍ଥାତ ହଜରତ ଅବୁବକର ର:ଅ) ମୁଁ ପୁନଶ୍ଚ ପଚାରିଲି ତାଙ୍କପରେ କିଏ ? ହଜୁର ସ:ଆ:ସ କହିଲେ ହଜ୍‌ରତ୍ ଉମର୍ ର:ଅ ସେଥିଅନ୍ତେ ହଜୁର ଅନେକ ପୁରୁଷମାନଙ୍କର ନାମ ନେଲେ । ***(ସହି ବୁଖାରୀ..... ହଦିସ୍-୪୩୫୮) (ଫର୍‌ହଙ୍ଗ ସିରତ୍, ପୃ-୧୫୨, ଜୱାର ଏକାଡ଼େମି କରାଚି ୨୦୦୩)***

ହଜରତ ଅନସ୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ମୁହାଜିର୍ ଅର୍ଥାତ ପ୍ରବାସକାରୀ ଓ ଅନ୍‌ସାରମାନଙ୍କ ମଧ୍ୟରୁ ନିଜ ସାହାବାଙ୍କ ନିକଟକୁ ଚାଲି ଆସୁଥିଲେ ସେମାନଙ୍କ ମଧ୍ୟରେ ବସୁଥିଲେ । ସେହି ସାହାବାମାନଙ୍କ ମଧ୍ୟରେ ଅବୁବକର ର:ଅ ଓ ଉମର ର:ଅ ମଧ୍ୟ ରହୁଥିଲେ । ସେମାନଙ୍କ ମଧ୍ୟରୁ କେହି ବି ନିଜର ଦୃଷ୍ଟିକୁ ମହାଭାଗ ସ:ଆ:ସଙ୍କ ଆଡ଼କୁ ନିକ୍ଷେପ କରୁନଥିଲେ କେଳବ ଅବୁବକର ଓ ଉମର ର:ଅ ନିଜର ଦୃଷ୍ଟିକୁ ହଜୁର ସ:ଆ:ସଙ୍କ ଆଡ଼କୁ ଉଠାଇ ଦେଖୁଥିଲେ ଏହି ଦୁଇଜଣ ଆପଣ ସ:ଆ:ସଙ୍କୁ ଦେଖୁଥିଲେ ଓ ହସୁଥିଲେ ପୁଣି ମହାଭାଗ ମଧ୍ୟ ଏହି ଦୁଇଜଣଙ୍କୁ ଦେଖି ସ୍ମିତହାସ୍ୟ ଦେଉଥିଲେ । ***(ସୁନନେ ତିର୍‌ମିଜ୍......ହଦିସ୍-୩୬୬୮)*** (ଉପରୋକ୍ତ ଦୁଇ ସାହାବାମାନେ ହଜୁର ସ:ଆ:ସଙ୍କୁ ଦେଖୁଥିଲେ ଏବଂ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ପ୍ରତିକ୍ରୀୟା ସ୍ୱରୁପ ହଜୁର ସ:ଆ:ସ ମଧ୍ୟ ସେମାନଙ୍କୁ ଦେଖି ସ୍ମିତ ହାସ୍ୟ ପ୍ରକାଶ କରୁଥିଲେ) ।

ହଜରତ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ ଦିନେ ଭ୍ରମଣରେ ବାହାରିଲେ ଏବଂ ଆପଣ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ମସ୍‌ଜିଦ୍‌ରେ ପ୍ରବେଶ କଲେ ତନ୍ମଧ୍ୟରୁ ଜଣେ (ଅର୍ଥାତ ହଜରତ ଅବୁବକର ର:ଅ) ଆପଣଙ୍କ ଦକ୍ଷିଣପାର୍ଶ୍ୱରେ ଥିଲେ ତ ଅନ୍ୟ ଜଣେ (ଅର୍ଥାତ ହଜରତ ଉମର ର:ଅ) ଆପଣଙ୍କ ବାମପାର୍ଶ୍ୱରେ ଥିଲେ । ହଜୁର ଉଭୟଙ୍କର ହସ୍ତ ଧରିନେଲେ ଏବଂ କହିଲେ ଏହି ପରି ଭାବରେ ଆମେ ପ୍ରଳୟ ଦିବସ ଦିନ ଉଠିବୁ ଅର୍ଥାତ ଆମକୁ ଉଠାଯିବ ।
***(ସୁନନେ ତିର୍‌ମିଜ୍......ହଦିସ୍-୩୬୬୯)***

ଅବ୍‌ଦୁଲ୍ଲାଃ ବିନ୍ ହନ୍‌ତଜ୍ ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖି କହିଲେ, ଏହି ଦୁଇ ସାହାବାମାନେ ହେଉଛନ୍ତି ମୋ ଆଖି ଓ ମୋ କାନ ।
***(ସୁନନେ ତିର୍‌ମିଜ୍......ହଦିସ୍-୩୬୭୧)***

ହଜରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁବକର ର:ଅଙ୍କୁ କହିଲେ, ହଜୁର ସ:ଆ:ସଙ୍କ ପରେ ଆପଣ ହେଉଛନ୍ତି ସର୍ବୋତମ ବ୍ୟକ୍ତି । ପ୍ରତ୍ୟୁତରରେ ହଜରତ ଅବୁବକର ର:ଅ କହିଲେ ଶୁଣ ! ତୁମେ ଯଦି ଏହିଭଳି ମନ୍ତବ୍ୟ ଦେଉଛ ତା'ହେଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ଏହିଭଳି କୌଣସି ବ୍ୟକ୍ତି ଉପରେ ସୂର୍ଯ୍ୟୋଦୟ ହୋଇନଥାଏ ଯିଏ ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ସର୍ବୋତମ ବ୍ୟକ୍ତି ହୋଇଥିବ ।
***(ସୁନନେ ତିର୍‌ମିଜ୍......ହଦିସ୍-୩୬୮୪)***

ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି: ନବୀ କରିମ୍ ସ:ଆ:ସ କହିଲେ, ତୁମମାନଙ୍କ ନିକଟକୁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆସୁଛନ୍ତି । ସୁତରାଂ ସେତେବେଳେ ହଜରତ ଅବୁବକର ର:ଅ ଆସିଲେ ଏବଂ ହଜୁର ସ:ଆ:ସ ପୁନଶ୍ଚ କହିଲେ, ତୁମ ନିକଟକୁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଆଉଜଣେ ବ୍ୟକ୍ତି ମଧ୍ୟ ଆସୁଛନ୍ତି ଅତଏବ ଏହାପରେ ହଜ୍‌ରତ୍ ଉମର୍ ର:ଅଙ୍କର ଆଗମନ ହେଲା । ***(ସୁନନେ ତିର୍‌ମିଜ୍......ହଦିସ୍-୩୬୯୪)***

ହଜରତ ଅନସ୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର୍ ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ କହିଲେ, ଏ ଦୁହେଁ ନବୀ ଓ ବାର୍ତାବହକାରୀଙ୍କ ବ୍ୟତିତ ବୈକୁଣ୍ଠରେ ସର୍ବପ୍ରଥମ ଓ ସର୍ବଶେଷର ଆସିଥିବ । ସମସ୍ତ ବୟଜ୍ୟୋଷ୍ଠ ବ୍ୟକ୍ତିମାନଙ୍କର ସରଦାର୍ ଅଟନ୍ତି ।
***(ସୁନନେ ତିର୍‌ମିଜ୍......ହଦିସ୍-୩୬୬୪)***

ହଜରତ ହୁଜୈଫା ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ କହିଲେ, ମୋ ପରେ ଏହି ଦୁଇ ବ୍ୟକ୍ତିଙ୍କର ଅର୍ଥାତ ଅବୁବକର ଏବଂ ଉମରଙ୍କର ତୁମେମାନେ ଆଜ୍ଞାପାଳନ କରିବ ଏବଂ ଏମାନଙ୍କୁ ହିଁ ଅନୁସରଣ କରିବ । ***(ସୁନନେ ତିର୍‌ମିଜ୍......ହଦିସ୍-୩୬୬୨)***

ଅବୁ ସଇଦ ଖୁଦ୍‌ରୀ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ କହିଲେ, ପ୍ରତ୍ୟେକ ନବୀଙ୍କର ଆକାଶପୁର ବାସୀଙ୍କ ମଧ୍ୟରୁ ଦୁଇଜଣ ମନ୍ତ୍ରୀ ଓ ଭୂପୃଷ୍ଠ ଅର୍ଥାତ ମର୍ତ୍ୟଲୋକରେ ମଧ୍ୟ ଦୁଇଜଣ ମନ୍ତ୍ରୀ ଥାଆନ୍ତି । ଅତଏବ ଆକାଶବାସୀଙ୍କ ମଧ୍ୟରୁ ମୋର ଦୁଇଜଣ ବ୍ୟକ୍ତି ହେଉଛନ୍ତି ହଜରତ ଜିବ୍ରାଇଲ୍ ଏବଂ ହଜରତ ମିକାଇଲ । ସେହିପରି ମର୍ତ୍ୟ ଲୋକରେ ମୋର ଦୁଇଜଣ ମନ୍ତ୍ରୀ ହେଉଛନ୍ତି ହଜ୍‌ରତ୍ ଅବୁବକର୍ ର:ଅ ଓ ହଜ୍‌ରତ୍ ଉମର୍ ର:ଅ ।
***(ସୁନନେ ତିର୍‌ମିଜ୍......ହଦିସ୍-୩୬୮୦)***

ହଜରତ ହୁଜୈଫା ର:ଅ ବର୍ଣ୍ଣନା କରନ୍ତି ଆମେମାନେ ଏକଦା ନବୀ କରିମ୍ ସ:ଆ:ସଙ୍କ ନିକଟରେ ବସିଥିଲୁ ସେତେବେଳେ ଆପଣ ସ:ଆ:ସ କହିଲେ, ମୁଁ ଏହା ଜାଣିନାହିଁ ଯେ, ମୁଁ ତୁମମାନଙ୍କ ମଧ୍ୟରେ ଆଉ କେତେ ଦିନ ରହିବି ଅତଏବ ତୁମେମାନେ ଏହି ଦୁଇ ବ୍ୟକ୍ତି ଅର୍ଥାତ ହଜ୍‌ରତ୍ ଅବୁବକର୍ ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଅନୁସରଣ କରିବ । ***(ସୁନନେ ତିର୍‌ମିଜ୍...... ହଦିସ୍-୩୬୬୩)*** (ସେମାନଙ୍କ ମଧ୍ୟରୁ ଯିଏ ମୋ ପରେ ଜୀବିତ ରହିବେ) ।

ହଜ୍‌ରତ୍ ଅବୁବକର୍‌ଃ ର:ଅ ବର୍ଣ୍ଣନା କରନ୍ତି: ଦିନେ ହଜୁର ସ:ଆ:ସ କହିଲେ ତୁମମାନଙ୍କ ମଧ୍ୟରୁ କେହି ଆଜି ସ୍ୱପ୍ନ ଦେଖିଛ କି ? ଜଣେ ବ୍ୟକ୍ତି କହିଲା ଆଜ୍ଞା ମୁଁ ଦେଖିଛି ସେହି ସ୍ୱପ୍ନଟି ଏହିପରି ଯେ, ଆକାଶରୁ ଏକ ନିକୀତି ଅବତୀର୍ଣ୍ଣ ହୋଇଛି ଏବଂ ହଜୁର ସ:ଆ:ସ ଓ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ସେହି ନିକିତିରେ ଓଜନ କରାଯାଉଛି । ତେବେ ଆପଣ ସ:ଆ:ସ ସେହି ନିକିତିର ତଉଲରେ ହଜ୍‌ରତ୍ ଅବୁବକର୍ ର:ଅଙ୍କ ତୁଳନାରେ ଅଧିକ ଓଜନୀୟା ହେଉଛନ୍ତି । ପୁନଶ୍ଚ ହଜ୍‌ରତ୍ ଅବୁବକର୍ ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଓଜନ କରାଯାଉଛି ସେତେବେଳେ ହଜ୍‌ରତ୍ ଅବୁବକର୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ଅପେକ୍ଷା ଅଧିକ ଓଜନୀୟା ହେଉଛନ୍ତି । ସେହପରି ହଜ୍‌ରତ୍ ଉମର୍ ର:ଅ ଓ ହଜରତ ଉସ୍‌ମାନଙ୍କୁ ମଧ୍ୟ ନିକୀତିରେ ଓଜନ କରାଯାଉଛି ସେତେବେଳେ ହଜ୍‌ରତ୍ ଉମର୍ ର:ଅ ହଜରତ ଉସ୍‌ମାନଙ୍କ ଅପେକ୍ଷା ଅଧିକ ଓଜନୀୟା ହେଉଛନ୍ତି । ଏହାପରେ ନିକିତିକୁ ଉଠାଇ ନିଆଯାଉଛି । ବର୍ଣ୍ଣନାକାରୀ କୁହନ୍ତି ଆମେମାନେ ହଜୁର ସ:ଆ:ସଙ୍କ ମୁଖମଣ୍ଡଳରେ ଅପ୍ରସନ୍ନତା ଭାବ ଦେଖିବାକୁ ପାଇଲୁ ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ସ୍ୱପ୍ନ ଶୁଣିବା ପରେ କହିଲେ, ଏହି ସ୍ୱପ୍ନଟି ହେଉଛି ନବୁଓ୍ୱତର ଖିଲାଫତ୍ (ଅର୍ଥାତ ନବୀଙ୍କ ପରେ ଯେଉଁ ଖିଲାଫତ୍ ଜାରି ରହିଥାଏ) ଏହାପରେ ଅଲ୍ଲାଃ ତାଲା ଯାହାକୁ ଚାହିଁବେ ତାହାକୁ ରାଜତ୍ୱ ପ୍ରଦାନ କରିବେ ।

ଅବ୍‌ଦେ ଖୈର୍ ର:ଅ ବର୍ଣ୍ଣନା କରନ୍ତି: ହଜରତ ଅଲୀ ର:ଅ ମଂଚ ଉପରେ ଛିଡ଼ା ହେଲେ ଏବଂ କହିଲେ ହେ ଲୋକମାନେ ! ଏହି ଜାତିରେ ମୁଁ ତୁମମାନଙ୍କୁ ଏଭଳି ଏକ ବ୍ୟକ୍ତି ବିଶେଷଙ୍କ ସଂପର୍କରେ ବତାଇବି ନାହିଁ ଯିଏ ନବୀ କରିମ୍ ସ:ଆ:ସଙ୍କ ପରେ ଏହି ସମ୍ପ୍ରଦାୟର ସର୍ବୋତମ ବ୍ୟକ୍ତି ଅଟନ୍ତି ? ଲୋକମାନେ କହିଲେ ହଁ ବତାନ୍ତୁ । ହଜରତ ଅଲୀ ର:ଅ କହିଲେ ହେ ହେଉଛନ୍ତି ହଜରତ ଅବୁବକର ଓ ହଜରତ ଉମର୍ ର:ଅ । ହଜ୍‌ରତ୍ ଅବୁବକର୍ ର:ଅଙ୍କ ପରେ ସର୍ବୋତମ ବ୍ୟକ୍ତି ଜଣକ ହେଉଛନ୍ତି ହଜ୍‌ରତ୍ ଉମର୍ ର:ଅ । ***(ହୁଲିୟତୁଲ୍ ଅଓଲିୟା....... ଖଣ୍ଡ-୭, ପୃ-୨୦୫, ହଦିସ୍-୧୦୩୨୩...... ୨୦୦୭)*** ଅବୁ ହୁରୈରାଃ କହୁଛନ୍ତି ଯେ ମୁଁ ହଜରତ ଅଲୀଙ୍କଠାରୁ ଶୁଣିଛି ଯେ ଏହି ସମ୍ପ୍ରଦାୟରେ ନବୀ ସ:ଆସଙ୍କ ପରେ ସବୁଠାରୁ ଉତମ ବ୍ୟକ୍ତି ହେଉଛନ୍ତି ହଜରତ ଅବୁବକର ର:ଅ ଏବଂ ହଜରତ ଉମର ର:ଅ ।***(ହୁଲିୟତୁଲ୍ ଅଓଲିୟା....... ଖଣ୍ଡ-୭, ପୃ-୨୦୫, ହଦିସ୍-୧୦୩୨୫...... ୨୦୦୭)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି । ଯାହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

ବର୍ତମାନ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃର ଚର୍ଚ୍ଚା କରୁଛି । ତନ୍ମଧ୍ୟରୁ ସର୍ବପ୍ରଥମ ହେଲେ ସ୍ୱର୍ଗତ ସମ୍ମାନନୀୟ କାମ୍‌ରାନ୍ ଶହିଦ୍ ସାହେବ, ପୁତ୍ର ନଶିର୍ ଅହେମଦ୍ ଅଫ୍ ପେଶାଓ୍ୱରଙ୍କର । ଚଳିତ ନଭେମ୍ବର ମାସ ୯ ତାରିଖ ଦିନ ବିରୋଧି ଶତ୍ରୁମାନେ ତାଙ୍କୁ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ଗୁଳି କରି ଶହୀଦ କରିଦେଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ମୃତ୍ୟୁବେଳେ ଶହୀଦଙ୍କୁ ୪୪ ବର୍ଷ ବୟସ ହୋଇଥିଲା । ପେଶାଓ୍ୱର ସ୍ଥିତ ଜଣେ ଅହେମଦୀ ଯାହାଙ୍କ ନାମ ସଫିକୁର୍ ରହ୍‌ମାନ୍ ସାହେବ ତାଙ୍କ ଫ୍ୟାକ୍ଟ୍ରିରେ ଜଣେ ଆକାଉଂଟାଟ ଭାବରେ ସେ କାର୍ଯ୍ୟ କରୁଥିଲେ । ଜଣେ ସଶସ୍ତ୍ର ବନ୍ଧୁକଧାରୀ ବ୍ୟକ୍ତି କାର୍ଯ୍ୟାଳୟ ଭିତରକୁ ଅତର୍କିତ ଭାବରେ ପଶି ଆସି ଆଖି ବୁଜା ଗୁଳି ଚାଳନା କରିଥିଲା । ଯଦ୍ୱାରା ଚାରୋଟି ଗୁଳି ତାଙ୍କ ଶରୀରରେ ବାଜିଥିଲା ଫଳତଃ ଘଟଣା ସ୍ଥଳରେ ହିଁ ସେ ଶହୀଦ ହୋଇଯାଇଥିଲେ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ଗୁଳି କରିବା ପରେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ସ୍ୱର୍ଗତ ଶହିଦଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତା ଶ୍ରୀମାନ୍ ନାସିର୍ ଅହେମଦ୍‌ଙ୍କ ନନା (ଅଜା) ହଜରତ ନବୀ ବକ୍ସ ସାହେବ ସୁପୁତ୍ର ଫତେହ୍ ଦିନ୍ ସାହେବ ଅଫ୍ ଭେନି ଭାଙ୍ଗଡ଼ନିଜ୍‌ଦ କାଦିୟାନଙ୍କ ମାଧ୍ୟମରେ ଆସିଥିଲା । ସେ ୧୯୦୨ ମସିହାରେ ହଜରତ ମସିହ ମଉଦ ଆ:ସଙ୍କ ପବିତ୍ର ହସ୍ତରେ ବୟତ କରି ଅହେମଦିୟତରେ ସାମିଲ ହୋଇଥିଲେ । ସ୍ୱର୍ଗତ ଶହିଦ୍ କିଛି କାଳ ପୂର୍ବେ ନିଜ ଭାଇ ସହିତ ଏକ ଦୋକାନ ନେଇ ଏକ କାର୍ଯ୍ୟାଳୟ ଆରମ୍ଭ କରିଥିଲେ । ଶହିଦ୍ କାମ୍‌ରାନ୍ ସାହେବ ଅହେମଦୀ ହୋଇଥିବା ଯୋଗୁଁ ଦୋକାନ୍‌ର ମାଲିକ ଗୋଟିଏ ଦିନ ନୋଟିସ ଦେଇ ଦୋକାନକୁ ଖାଲି କରାଇଦେଲେ । ପୁଣି ଏହାପରେ ସେହି ଚୌକର ନାମ ଖତ୍‌ମେ ନବୁଓ୍ୱତ ଚୌକ୍ ରଖିଦିଆଗଲା । ପୁନଶ୍ଚ କାମ୍‌ରାନ୍ ଅହେମଦ୍ ଯେତେବେଳେ ସେହି ଦୋକାନ ପାଖରେ ଆଉ ଏକ ଦୋକାନ ଭଡ଼ାରେ ନେଲେ ସେତେବେଳେ ସେହି ପୂର୍ବ ଦୋକାନି ଅକ୍ଟୋବର ମାସରେ ଏକ ବଡ଼ ଜଲ୍‌ସା ସେହି ଛକରେ ରଖିଦେଲା ଓ ବିରୋଧି ମୌଲବୀମାନଙ୍କୁ ଡ଼ାକି ଜଲ୍‌ସା କଲା ଯେଉଁଥିରେ ଜମାତ୍ ବିରୋଧରେ ଉତେଜନା ମୂଳକ ଭାଷଣ ଦିଆଯାଇଥିଲା । ସେ କୁହନ୍ତି: ଆମେ ଏହି ଅଂଚଳରେ ଏତେ ବଡ଼ ଜଲ୍‌ସା କେବେ ହେଲେ ଦେଖିନାହୁଁ ଓ ସେହି ଜଲ୍‌ସା ଯୋଗୁଁ ସେହି ଅଂଚଳରେ ଘୃଣାର ବାତାବରଣ ସୃଷ୍ଟି ହୋଇଗଲା । ଶହିଦ୍ କାମ୍‌ରାନ୍ ସାହେବ ଅନେକ ବର୍ଷ ଧରି ଏକ ଘରୋଇ ସଂସ୍ଥାରେ ଆକାଉଂଟାଟ ଭାବରେ କାର୍ଯ୍ୟ ଭାର ମଧ୍ୟ ତୁଲାଉଥିଲେ ଓ ବିଭିନ୍ନ ମାମଲା ଓ ପ୍ରସଙ୍ଗଗୁଡ଼ିକୁ ଦେଖାଶୁଣା କରୁଥିଲେ । ବିରୋଧ ହେବା ଯୋଗୁଁ ସେ ସେଠାରୁ କ୍ଷମା ମାଗି ନେଲେ ଯେ ମୁଁ ଏଠାରେ ଆଉ କାମ କରିପାରିବି ନାହିଁ । ସେହି କାର୍ଯ୍ୟାଳୟର ଅନ୍ୟ ଲୋକମାନେ କହିଲେ, ସ୍ୱର୍ଗତ କାମ୍‌ରାନ୍ ଅହେମଦ୍ ସାହେବ ଅତ୍ୟନ୍ତ ବିଶ୍ୱସ୍ତ ଚରିତ୍ରବାନ ବ୍ୟକ୍ତି ତାଙ୍କର ଏହି ମହନୀୟ ବିଶ୍ୱସ୍ତ ଚରିତ୍ରକୁ ଦେଖି ସେମାନେ କହିଲେ, ଆମେମାନେ ଆପଣଙ୍କୁ ଛାଡ଼ିପାରିବୁ ନାହିଁ ଆପଣ କିଛି ସମୟ ପାଇଁ ବି ଏଠାରେ ଆମ ପାଖରେ ରୁହନ୍ତୁ ଓ ଆମର କାମ କରିଦିଅନ୍ତୁ । ଅତଏବ ଯେତେବେଳେ ସେହି ଲୋକମାନଙ୍କୁ ସ୍ୱର୍ଗତ କାମ୍‌ରାନ୍ ସାହେବଙ୍କ ଶାହାଦତ୍‌ର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ଅତ୍ୟନ୍ତ ମର୍ମାହତ ହୋଇଗଲେ । ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ତାଙ୍କର ପିତା କୁହନ୍ତି ଦିନେ କାମ୍‌ରାନ୍ ବିଳମ୍ବରେ ଘରକୁ ଆସିବାରୁ ମୁଁ ତାଙ୍କୁ ବିଳମ୍ବରେ

ଆସିବାର କାରଣ ପଚାରିଲି ଯେ, କାହିଁକି ଏତେ ଡ଼େରି ହେଲା ? ପ୍ରତ୍ୟୁତରରେ ସେ କହିଲେ, ଅମୁକ ଅହେମଦି ବିରୋଧି ଅର୍ଥାତ ଅଣଅହେମଦୀ ପରିବାରର ଜଣେ ମହିଳା ଯାହାଙ୍କୁ ରକ୍ତର ଆବଶ୍ୟକତା ଥିଲା ମୁଁ ସେହି ବିରୋଧି ପରିବାରଙ୍କୁ ରକ୍ତ ଦାନ କରି ଆସିଛି । ସେଥିପାଇଁ ଏତେ ବିଳମ୍ବ ହୋଇଗଲା ମୁଁ ଏଥିପାଇଁ ସେହି ମହିଳାଙ୍କୁ ରକ୍ତ ଦେଲି ଯେ ସେହି ପରିବାର ଆର୍ଥିକ ଦୃଷ୍ଟିରୁ ବେଶ୍ ଦୁର୍ବଳ ଓ ବଡ଼ ଅଭାବି ପରିବାର । ସେମାନଙ୍କ କର୍ମ ସେମାନଙ୍କ ସହିତ ଏବଂ ଆମ କର୍ମ ଆମ ସହିତ ରହିଛି । ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦ ସର୍ବଦା ସେବା କାର୍ଯ୍ୟରେ ମଗ୍ନ ରହୁଥିଲେ । ଜମାତୀୟ ସେବା ଓ ଡ୍ୟୁଟିରେ ମଧ୍ୟ ସର୍ବପ୍ରଥମେ ଉପସ୍ଥିତ ହେଉଥିଲେ । ବେଶ୍ ସମ୍ବେଦନଶୀଳ ସ୍ଥାନରେ ଡ୍ୟୁଟି ଦେଉଥିଲେ । ପୁନଶ୍ଚ ଚାନ୍ଦାଗୁଡ଼ିକ ପଇଠ କରିବାରେ ମଧ୍ୟ ସର୍ବାଗ୍ରେ ରହୁଥିଲେ । ନିୟମିତ ରୂପେ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ସେ ନିଜ ଚାନ୍ଦା ପଇଠ କରିଦେଉଥିଲେ । ୧୨/୧୩ ବର୍ଷ ବୟସରେ ଏକଦା ମୁବାହିଲା (ଅର୍ଥାତ ଧାର୍ମିକ ବଚସା) ବାର୍ତ୍ତାଳାପ ମୂଳକ ଏକ ପାମ୍ପଲେଟ ବାଂଟିବା ଯୋଗୁଁ ତାଙ୍କୁ ପୋଲିସ ଧରି ନେଇଥିଲା ଏବଂ ଜେଲ୍‌ରେ ବନ୍ଦ କରିଦେଇଥିଲା । ପରବର୍ତ୍ତୀ ଦିନ ସେ ଜେଲ୍‌ରୁ ମୁକୁଳି ଥିଲେ । ତାଙ୍କ ପିତା କହିଲେ, ଦୁଇ ତିନି ଦିନ ପୂର୍ବେ ସେ ଏକ ସ୍ୱପ୍ନ ଦେଖିଥିଲେ ଯେ, ଜଣେ ବୟସ୍କା ମହିଳା ତାଙ୍କ ଘର ସଫା କରୁଛନ୍ତି ଏବଂ କହୁଛନ୍ତି ଯେ, ଖଲିଫା ରାବେ ଅର୍ଥାତ ଚତୁର୍ଥ ଖଲିଫା ଆସିବେ ସେ କୁହନ୍ତି ଯେ, କିଛି କ୍ଷଣ ପରେ ହଜୁର ଅର୍ଥାତ ଚତୁର୍ଥ ଖଲିଫାଙ୍କର ଆଗମନ ହେଲା ଏବଂ ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦଙ୍କର ସେ ହସ୍ତ ଧରିନେଲେ ଏବଂ ଅତ୍ୟନ୍ତ ପ୍ରେମମୟ ସ୍ୱରରେ କହିଲେ ଆମେମାନେ ଏକତ୍ରିତ ଭାବେ ରହିବୁ ଏବଂ ତୁମେ ମୋ ସାଙ୍ଗରେ ହିଁ ରହିବ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦ ସାହେବ ୱସିୟତ ବ୍ୟବସ୍ଥାରେ ସାମିଲ ଥିଲେ । ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦ ସାହେବ କୋମଳ ସ୍ୱଭାବ ଓ ଅଂଚଳବାସୀଙ୍କ ସହିତ ଅତି ପ୍ରିତି ସମ୍ପର୍କ ସ୍ଥାପନକାରୀ ବ୍ୟକ୍ତି ଥିଲେ । ଅତି ସହାନୁଭୂତିପୂର୍ଣ୍ଣ, ଅନ୍ୟର ସାହାଯ୍ୟ କରିବା, ଖିଲାଫତ୍‌କୁ ବହୁତ ପ୍ରେମ କରୁଥିବା ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ପିତା ନଶିର୍ ଅହେମଦ୍ ସାହେବ ମାତା ଓ ପତ୍ନୀ ତଥା ତିନିଜଣ ସନ୍ତାନ ରହିଛନ୍ତି । ଗୋଟିଏ ସନ୍ତାନର ବୟସ ୧୩ ବର୍ଷ ତ ଦ୍ୱିତୀୟ ଓ ତୃତୀୟର ବୟସ ୧୧ ଓ ୮ ବର୍ଷ ରହିଛି । ଅଲ୍ଲାଃ ତାଲା ସ୍ୱର୍ଗତ ଶହିଦ୍ କାମ୍‌ରାନ୍ ଅହେମଦ ସାହେବଙ୍କ ସନ୍ତାନମାନଙ୍କର ସହାୟ ହୁଅନ୍ତୁ ଓ ସେମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ସେହିପରି ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ । ତାଙ୍କ ମାତା ମଧ୍ୟ ଅସୁସ୍ଥ ଅଛନ୍ତି ସେ କର୍କଟ ରୋଗରେ ପୀଡ଼ିତା ତାଙ୍କ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃ ତାଲା ତାଙ୍କ ଉପରେ ମଧ୍ୟ କୃପା ଅବତୀର୍ଣ୍ଣ କରନ୍ତୁ ଏବଂ ତାଙ୍କୁ ଆରୋଗ୍ୟ ଲାଭ ହେଉ ।

ଦ୍ୱିତୀୟ ଯନାଜାଃ ହେଉଛି ଡ଼ାକ୍ତର ମିର୍ଜା ନବିର୍ ଅହେମଦ୍ ସାହେବ ଓ ତାଙ୍କ ପତ୍ନୀଙ୍କର । ଆମେରିକା ସ୍ଥିତ ମଲ୍‌ୱା ନାମକ ସ୍ଥାନରେ ଏକ ସଡ଼କ ଦୁର୍ଘଟଣାରେ ଦୁହିଁଙ୍କର ପ୍ରାଣହାନୀ ହେଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ମୃତ୍ୟୁବେଳେ ଡ଼ାକ୍ତର ନବିର୍ ଅହେମଦ୍ ସାହେବଙ୍କୁ ୩୫ ବର୍ଷ ହୋଇଥିଲା । ସ୍ୱର୍ଗତଙ୍କ ଦଦାଙ୍କର ଦଦା (ଅର୍ଥାତ ଅଣ ଜେଜ) ହଜରତ ମିଆଁ ଡ଼େପୁଟି ମୁହମ୍ମଦ ସରିଫ୍ ସାହେବ ହଜରତ ମସିହ ମଉଦ ଆ:ସଙ୍କର ସାହାବି ଥିଲେ । ସ୍ୱର୍ଗତଙ୍କର ଦାଦି (ଜେଜି ମା) ମାଷ୍ଟର ଅବ୍‌ଦୁର୍ ରହ୍‌ମାନ୍ ସାହେବ୍ ର:ଅଙ୍କ ସୁପୁତ୍ରୀ ଥିଲେ । ତାଙ୍କର ନନାଙ୍କ ନନା (ଅର୍ଥାତ ଅଣ ଅଜା) ମଧ୍ୟ ସାହାବି ଥିଲେ ତାଙ୍କ ବଂଶରେ ଅନେକ ଲୋକ ହଜରତ ମସିହ ମଉଦ ଆ:ସଙ୍କ ସାହାବି ଥିଲେ । ୨୦୧୨ ମସିହାରେ ସେ ଆମେରିକାକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ସ୍ୱର୍ଗତ ନବିର ସାହେବ୍ ୧୭ ବର୍ଷ ବୟସରେ ୱସିୟତରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । କାଏଦ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାବରେ ସେ ମଧ୍ୟ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଉଲ୍ଲେଖ ଅଛି ଯେ, ସ୍ୱର୍ଗତ ନବିର ସାହେବ୍ ମୁଲ୍‌ୱା ମସ୍‌ଜିଦ୍ ନିମନ୍ତେ ଗୋଟିଏ ନୂଆ ଅଟ୍ଟାଳିକା ବା ଭବନ ଖରିଦ କରିବା ପାଇଁ ସ୍ଥାନିୟ ଯମାତ୍‌କୁ ସବୁଠାରୁ ଅଧିକ ଦାନ ଦେଇଛନ୍ତି । ମୃତକଙ୍କ ପରିବାର ମଧ୍ୟରେ ତାଙ୍କ ବାପା ମିର୍ଜା ନଶିର୍ ଅହେମଦ୍ ସାହେବ ଯିଏ କି ଇସ୍‌ଲାମାବାଦ୍‌ର ବର୍ତ୍ତମାନ ସେକ୍ରେଟାରି ଉମୁରେ ଆମା ଅଛନ୍ତି ଓ ମାତା ଇସ୍‌ଲାମାବାଦ୍‌ର ଆଂଚଳିକ ସଦର ଲଜ୍‌ନା ଅଛନ୍ତି । ସେହିପରି ତାଙ୍କର ଦୁଇଜଣ ଭାଇ ଓ ଜଣେ ଭଉଣୀ ଅଛନ୍ତି ଯାହାଙ୍କ ନାମ ନାଦିୟା । ତାଙ୍କର ପତ୍ନୀ ଆଇଶା ଅମ୍ବର ଯିଏ ତାଙ୍କ ସହିତ ଗାଡ଼ିରେ ବସିଥିଲେ ଏବଂ ଦୁର୍ଘଟଣାରେ ତାଙ୍କର ନିଧନ ହେଲା ତାଙ୍କ ନାମ ହେଉଛି ଆଇଶା ଅମ୍ବର ସାହିବା ସେ ସୟଦ୍ ସଜ୍ଜାଦ୍ ଅହ୍‌ମଦ୍ ଶାହ୍ ସାହେବ ଅଫ୍ ଜାପାନଙ୍କର କନ୍ୟା ଥିଲେ । ଆମର ଜାପାନର ମୁବଲ୍ଲିଗ୍ ସିଲ୍‌ସିଲ୍ ସୟଦ୍ ଇବ୍ରାହିମ୍ ଶାହ୍ ସାହେବଙ୍କର ସେ ଭଉଣୀ ଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ସୟଦ ଅବ୍‌ଦୁର୍ ରହିମ୍ ଶାହ୍ ସାହେବ ଅଫ୍ ଫଗ୍‌ଲାଙ୍କ ମାଧ୍ୟମରେ ଆସିଥିଲା । ୧୯୩୦ ମସିହାରେ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ହସ୍ତରେ ସେ ବୟତ କରିଥିଲେ । ମୁଁ ଯେପରି କି କହିଲି ହଜରତ ଆଇଶା ଅମ୍ବର ସାହିବା ମଧ୍ୟ ସେହି ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ସ୍ୱାମୀଙ୍କ ମୃତ୍ୟୁର ଦୁଇ ଦିନ ପରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ସ୍ୱର୍ଗତା ଅମ୍ବର ସାହିବା ଏମ୍‌ଟିଏ ଇଂଟରନ୍ୟାସନାଲର ଜଣେ ସକ୍ରିୟ ସଦସ୍ୟ ଥିଲେ । ମୋର ଲାଇଭ୍ ଖୁତ୍‌ବାଗୁଡ଼ିକର ସେ ଜାପାନି ଭାଷାରେ ଅନୁବାଦ କରି ସିଧା ପ୍ରସାରଣ (Live) କରୁଥିଲେ ଏବଂ ଜାପାନୀ ଭାଷାରେ Subtitling ମଧ୍ୟ କରୁଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ପିତା ସୟଦ ସଜାଦ୍ ଶାହ୍ ସାହେବ ଅଛନ୍ତି ଓ ମାତା ସୟଦ୍ ଦୁରେ୍ ସମିନ୍ ସୟଦ ସାହିବା ଅଛନ୍ତି । ତାଙ୍କର ତିନିଜଣ ଭାଇ ଓ ଜଣେ ଭଉଣୀ ଅଛନ୍ତି । ତାଙ୍କର ଭାଇ ଇବ୍ରାହିମ ସାହେବ ଯିଏକି ଜାପାନର ମୁବଲ୍ଲିଗ୍ ସିଲାସିଲା ଭାବରେ ସେବା ସମ୍ପାଦନ କରୁଛନ୍ତି ସେ କୁହନ୍ତି ମୋ ଭଉଣୀ ମୋର ଅନେକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରୁଥିଲେ । ଲେକ୍‌ଚର ଲାହୋର୍ ଏବଂ ହମାରା ଖୁଦା ପୁସ୍ତକର ଜାପାନି ଭାଷାରେ ଅନୁବାଦ କାର୍ଯ୍ୟରେ ମତେ ସେ ସହଯୋଗ କରିଛନ୍ତି । ସେ ଏତେ ସୁନ୍ଦର ଅନୁବାଦ କରୁଥିଲେ ଯେ, ଯାହାକୁ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହେଉଥିଲି ଏବଂ ଅପାକୁ କହୁଥିଲି ଯେ, ଅପା ଆପଣ ଫାର୍ମାସି କରିବା ପରେ ଏଭଳି ସୁନ୍ଦର ଅନୁବାଦ କିଭଳି କରିପାରୁଛନ୍ତି ? ତାଙ୍କର ବଡ଼ ଭଉଣୀ ଫାତିମା ସାହିବା କୁହନ୍ତି ଆଇଶା ଅମ୍ବର ସାହିବାଙ୍କର ଏକ ଡ଼ାଏରୀ ରହିଥିଲା ସଂଯୋଗବଶତଃ ତାହା ମତେ ହସ୍ତଗତ ହୋଇଯାଇଛି । ସେହି ଡ଼ାଏରୀର ପ୍ରତ୍ୟେକ ପୃଷ୍ଠା ଦୁଇଟି ଅଧ୍ୟାୟରେ ବିଭକ୍ତ ରହିଛି । ପ୍ରଥମ ଭାଗରେ ତାଙ୍କର ସାଂସାରିକ ଜୀବନ ସମ୍ପର୍କିତ ବିଷୟ ଉଲ୍ଲେଖିତ ରହିଛି ତ ଦ୍ୱିତୀୟ ଭାଗରେ ଆଧ୍ୟାତ୍ମିକ ଭାଗ ସମ୍ପର୍କିତ ବିଷୟ ଉଲ୍ଲେଖିତ ରହିଛି । ପ୍ରଥମ ଭାଗରେ ସାଂସାରିକ ଅଧ୍ୟାୟର ବିଷୟ ସମ୍ପର୍କରେ ତାଙ୍କ ନିତିଦିନିଆ ଜୀବନଯାପନ ଶୈଳୀର କାର୍ଯ୍ୟ ସୁଚି ରହିଛି ତ' ଦ୍ୱିତୀୟ ଭାଗରେ ଆଧ୍ୟାତ୍ମିକ ସମ୍ବଳିତ କାର୍ଯ୍ୟ ସଂକ୍ରାନ୍ତୀୟ ବିଷୟବସ୍ତୁ ଉଲ୍ଲେଖିତ ରହିଛି । ଯମାତ୍‌ର ନୋଟ୍‌ସ, ଧାର୍ମିକ ଜ୍ଞାନ ସମ୍ପର୍କରେ ସେଥିରେ କାର୍ଯ୍ୟ ଉଲ୍ଲେଖ ରହିଛି । ପ୍ରତ୍ୟେକ ପୃଷ୍ଠା ଅତ୍ୟନ୍ତ ଚମତ୍କୃତ ଭାବରେ ଭାବରୁଚି ସହିତ ଉଲ୍ଲେଖ ରହିଛି । ଉପସ୍ଥିତ ଖଲିଫାଙ୍କର ପ୍ରତ୍ୟେକ ଶବ୍ଦକୁ ଧ୍ୟାନପୂର୍ବକ ଶୁଣିବା ଓ ତାହା ଉପରେ କାର୍ଯ୍ୟାନୁସରଣ କରିବା ସମ୍ପର୍କରେ ଭଉଣୀ ନିଜର ପ୍ରତିକ୍ରିୟା ଓ ଶୈଳୀକୁ ଉଲ୍ଲେଖ କରିଛନ୍ତି । ଜାପାନିୟ ବାଳିକା ବନ୍ଧୁମାନଙ୍କୁ ମଧ୍ୟ ସେ ଇସ୍‌ଲାମ୍ ଧର୍ମର ଚାତୁର୍ଯ୍ୟତା ଓ ବୌଦ୍ଧିକ ସମ୍ବଳିତ ଆଧାରିତ ଶିକ୍ଷା ସହିତ ଅବଗତ କରାଇଛନ୍ତି । ଅଲ୍ଲାଃ ତାଲା ଉଭୟ ଦମ୍ପତିଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସେମାନଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ଚୌଧୁରୀ ନସିର୍ ଅହେମଦ୍ ସାହେବ ଯିଏ କି ବର୍ତ୍ତମାନ କରାଚୀ ଜିଲ୍ଲା ଅନ୍ତର୍ଗତ କ୍ଲିଫ୍‌ଟନ୍ ଯମାତ୍‌ର ସେକ୍ରେଟାରୀ ମାଲ୍ ଭାବରେ ସେବା ସମ୍ପାଦନ କରୁଥିଲେ । ସ୍ୱର୍ଗତ ଚୌଧୁରୀ ନସିର୍ ସାହେବ୍ ରବୁଓ୍ୱାର ଚୌଧୁରି ନଜିର୍ ସାହେବଙ୍କର ସୁପୁତ୍ର ଥିଲେ । ୬୯ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ମୃତ୍ୟୁ ବେଳେ ସେ ନିଜର ପତ୍ନୀ ଓ ନିକଟ ସମ୍ପର୍କୀୟଙ୍କୁ ନମାଜ ଫଜର୍‌ରେ ଇମାମତ୍ କରାଉଥିଲେ । ଦ୍ୱିତୀୟ ରେକାତ୍‌ର ସଜ୍‌ଦାଃ ଅବସ୍ଥାରେ ହୃଦଘାତ ଯୋଗୁଁ ସେ ମୃତ୍ୟୁବରଣ କଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ଚୌଧୁରୀ ନସିର୍ ସାହେବ୍ ୱସିୟତ କରିଥିଲେ । ନମାଜ ପଢୁଥିବା ସମୟରେ ମୃତ୍ୟୁ ହେବାକୁ ହଜରତ ମସିହ୍ ମଉଦ ଆ:ସ ଏକ ଇର୍ଷାପରାୟଣ ମୃତ୍ୟୁ ଭାବରେ ବିବେଚନା କରିଛନ୍ତି (ଅର୍ଥାତ ଏପରି ମୃତ୍ୟୁ ଯାହାକୁ ପ୍ରତ୍ୟେକ ଆଶା କରିଥାନ୍ତି) ***(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୫୪୨)***

ଚୌଧୁରୀ ନଜିର୍ ଅହେମଦ୍ ସାହେବ୍ ଯିଏ କି ସ୍ୱର୍ଗତ ଚୌଧୁରୀ ନସିର୍ ସାହେବ୍‌ଙ୍କ ପିତା ଥିଲେ ତାଙ୍କୁ ମଧ୍ୟ ଦୀର୍ଘ ୨୫ ବର୍ଷ ପର୍ଯ୍ୟନ୍ତ ଯମାତ୍‌ର ସେବା ସମ୍ପାଦନ କରିବାକୁ ସୌଭାଗ୍ୟ ଲାଭ ହୋଇଥିଲା ସେ ନାଏବ୍ ନାଜିର୍ ଜରାଅତ୍ ଏବଂ ୱକିଲୁଲ୍ ଜରାତ୍ ପଦବୀରେ ମଧ୍ୟ ମୃତୟନ ରହିଥିଲେ । ତାଙ୍କର ସାନ ଭାଇ ସ୍ୱର୍ଗତ ଚୌଧୁରୀ ନଇମ୍ ଅହେମଦ୍ ସାହେବ୍ ଯିଏ କି ବର୍ତ୍ତମାନ ପାକିସ୍ତାନର ସଦର ଅଞ୍ଜୁମନ ଅହେମଦିୟାରେ ଖଜାନା ଅଫିସର ଅଛନ୍ତି । ମୃତକଙ୍କ ପରିଜନ ମଧ୍ୟରେ ତାଙ୍କର ପତ୍ନୀ ନୁଶ୍‌ରତ୍ ନସିର୍ ସାହେବା ଅଛନ୍ତି । ତାଙ୍କର କୌଣସି ସନ୍ତାନ ନାହାନ୍ତି । ୧୯୭୨ ମସିହାରେ କରାଚିକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ସେହିଠାରେ ହିଁ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ସେଠାରେ ବିଭିନ୍ନ ବିଭାଗର ପଦବୀରେ ରହି ଯମାତ୍‌ର ଅସାଧାରଣ ସେବା ସମ୍ପାଦନ କରିବାର ସାମର୍ଥ୍ୟ ଲାଭ କରିଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସରଦାରାଁ ବିବି ସାହେବାଙ୍କର । ସ୍ୱର୍ଗତା ରବୁଓ୍ୱା ସ୍ଥିତ ଦାରୁର୍ ରେହମତ୍ ଗର୍‌ବି ଅର୍ଥାତ ପଶ୍ଚିମଙ୍କର ସେ ଚୌଧୁରୀ ନବି ବକ୍ସ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନ ତାଙ୍କର ମୃତ୍ୟୁ ଘଟିଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତାଙ୍କ ସମ୍ବନ୍ଧ ଭାରତର ଗୁର୍‌ଦାସ୍‌ପୁର ଜିଲ୍ଲାଃ ଅର୍ନ୍ତଗତ ପଠାନକୋଟ ଅଂଚଳ ସହିତ ଥିଲା । ପ୍ରବାସ କରି ସେ ପାକିସ୍ତାନକୁ ଚାଲି ଆସିଥିଲେ । ପ୍ରଥମେ ସେ ସିଆଲ୍‌କୋଟଠାରେ ରହିଥିଲେ ଏବଂ ଏହାପରେ ସେ ସିନ୍ଧ୍ ଅଂଚଳରେ ବସବାସ କରିଥିଲେ । ତାଙ୍କର ଅଭିଭାବକ ଓ ସମଗ୍ର ବଂଶ କୁଟୁମ୍ବ ସିହା ସମ୍ପ୍ରଦାୟର ଥିଲା । ୧୯୪୯ ମସିହାରେ ଯେତେବେଳେ ସେ ନିଜର ସମସ୍ତ ଜ୍ଞାତି କୁଟୁମ୍ବ ସହିତ ଅହେମଦିୟତ ସ୍ୱୀକାର କଲେ ସେତେବେଳେ ତାଙ୍କର ଅଭିଭାବକ ତାଙ୍କୁ କହିଲେ, ତୁମର ସ୍ୱାମୀ ଅବିଶ୍ୱାସକାରୀ ପାଲଟି ଯାଇଛନ୍ତି ତେଣୁ ତୁମେ ଆମ ପାଖକୁ ଫେରି ଆସ ସେ ନିଜ ଜ୍ଞାତି କୁଟୁମ୍ବଙ୍କ ସହିତ ନୁହେଁ ନିଜ ସ୍ୱାମୀଙ୍କ ସହିତ ଅହେମଦିୟତରେ ଅଧିଷ୍ଠିତ ରହିଥିଲେ । ତାଙ୍କ କୁଟୁମ୍ବର ଅନ୍ୟ ସଦସ୍ୟମାନେ ବୟତ କରିନଥିଲେ କେବଳ ସେ ଦୁହେଁ ହିଁ ବୟତ କରି ଯମାତ୍‌ରେ ସାମିଲ ହୋଇଥିଲେ । ତେଣୁ ସ୍ୱର୍ଗତାଙ୍କ ମାତା ପିତା ସ୍ୱର୍ଗତାଙ୍କୁ କହିଲେ ତୁମର ସ୍ୱାମୀ କାଫିର୍ ହୋଇଯାଇଛନ୍ତି ତେଣୁ ତୁମେ ଆମ ପାଖକୁ ଫେରିଆସ ପ୍ରତ୍ୟୁତରରେ ସରଦାରାଁ ବିବି ସାହିବା ନିଜର ଅଭିଭାବକଙ୍କୁ ଓ ପରିଜନଙ୍କୁ ଉତର ଦେଲେ । ଏବେ ତ ମୁଁ ପ୍ରକୃତ ମୁସଲମାନ ହୋଇଛି । ମୁଁ ଆପଣଙ୍କ ନିକଟରେ ଥିବାବେଳେ ନମାଜ ଫଜର୍ ପଢୁନଥିଲି କିନ୍ତୁ ବର୍ତ୍ତମାନ ମୁଁ ପାଂଚବେଳା ନମାଜ ପାଠ କରୁଅଛି । ନମାଜ ତହ୍‌ଯୁଦ୍ ମଧ୍ୟ ନିୟମିତ ଭାବରେ ପାଠ କରୁଅଛି । ତେଣୁ ମୁଁ ଆପଣଙ୍କ ନିକଟକୁ ଫେରିବି ନାହିଁ । ଦୀର୍ଘ ୧୪ ବର୍ଷ ପରେ ଯେତେବେଳେ ସେ ନିଜ ଅଭିଭାବକଙ୍କୁ ସାକ୍ଷାତ କଲେ ସେତେବେଳେ ମଧ୍ୟ ସେ ଅତ୍ୟନ୍ତ ଶାନ୍ତିର ସହିତ ସେମାନଙ୍କୁ ସାକ୍ଷାତ କରିଥିଲେ କିନ୍ତୁ ତଥାପି ସ୍ୱର୍ଗତାଙ୍କ ଅଭିଭାବକମାନଙ୍କର ହୃଦୟ ତରଳି ନଥିଲା ଏବଂ ସେ ତାଙ୍କୁ ବେଖାତିର୍ କରିଥିଲେ । ଅତଏବ ସେମାନେ କେହି ବି ସରଦାର ବିବି ସାହିବାଙ୍କୁ ସାକ୍ଷାତ କରିବାକୁ ଆସିଲେ ନାହିଁ । ସ୍ୱର୍ଗତା ଜମାତ୍ ସହିତ ଅତ୍ୟନ୍ତ ପ୍ରେମ ପ୍ରଦର୍ଶନକାରୀ ମହିଳା ଥିଲେ । ଖିଲାଫତ୍‌ର ପାଗଳ ପ୍ରେମୀ ଥିଲେ, ଅଭାବି ବ୍ୟକ୍ତିଙ୍କ ସହ ସାହାଯ୍ୟ ସହଯୋଗ କରିବା ତାଙ୍କର ସୁଗୁଣ ରହିଥିଲା ଓ ସେ ଜଣେ ନୈଷ୍ଠିକ ମହିଳା ଥିଲେ । ସେ ୱସିୟତର ପବିତ୍ର ବିଭାଗରେ ଅର୍ନ୍ତଭୁକ୍ତ ରହିଛନ୍ତି । ମୃତକାଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପୁତ୍ର ଓ ଚାରିଜଣ ପୁତ୍ରି ସାମିଲ ରହିଛନ୍ତି । ତାଙ୍କର ଜ୍ୟେଷ୍ଠପୁତ୍ର ଡ଼ାକ୍ତର ଅବ୍‌ଦୁର୍ ରହିମ୍ ସାହେବ ମଧ୍ୟ ନୁସ୍‌ରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ପାଂଚବର୍ଷ ପର୍ଯ୍ୟନ୍ତ ସେରେଲିଓନ୍‌ରେ ସେବା ସମ୍ପାଦନ କରିଛନ୍ତି । ସାନପୁଅ ଅବ୍‌ଦୁଲ୍ଲ ଖାଲିକ୍ ନୟର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି । ସେ ଆଜିକାଲି କାମେରୁନ୍‌ଠାରେ ସେବା ସମ୍ପାଦନ କରୁଛନ୍ତି ଏବଂ ସେଠାରେ ସେ ମିଶ୍‌ନାରୀ ଇନଚାର୍ଜ ଭାବରେ ତଥା ଅମିର୍ ଯମାତ୍ ଭାବରେ ସେବା ସମ୍ପାଦନ କରୁଛନ୍ତି । କର୍ମ ଭୂମିରେ କାର୍ଯ୍ୟରତ ଥିବା ଯୋଗୁଁ ସେ ନିଜ ମାତାଙ୍କ ଯନାଜାଃରେ ମଧ୍ୟ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃ ତାଲା ଏହି ସମସ୍ତ ମୃତକ ଓ ମୃତକାଙ୍କ ପରିଜନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ଆମିନ୍ ।।

⌘⌘⌘⌘⌘⌘⌘⌘⌘⌘

**୦୫ ନଭେମ୍ବର ୨୦୨୧ ଖୁତ୍‌ବାରେ ଅବଶିଷ୍ଟାଂଶ**

ପୁଣି କଜାକିସ୍ତାନ୍‌ର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ଯେ ସେଠାରେ ଜଣେ ସ୍ଥାନୀୟ ନିଷ୍ଠାବାନ୍ ଅହେମଦି ଶ୍ରୀମାନ୍ ଅଲ୍ଲୀ ବେଗ୍ ସାହେବ ତହରିକେ-ଏ-ଜଦିଦ୍‌ରେ ଦଶ ହଜାର ଟଙ୍ଗେ ଚାନ୍ଦା ଦେଲେ, ଟଙ୍ଗେ ହେଉଛି ତାଙ୍କ କରେନ୍ସି । କିଛି ଦିନ ପରେ କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀ ତାଙ୍କୁ ଡ଼କାଇ କହିଲେ, ଏଥର ଆମ କମ୍ପାନୀକୁ ବେଶ୍ ଲାଭ ହୋଇଛି ତେଣୁ ଆମେ ନିଷ୍ପତି ନେଇଛୁ ଯେ, ଭଲ କାମ କରିଥିବା ଯୋଗୁଁ କମ୍ପାନୀର ତିନିଜଣ ବ୍ୟକ୍ତିଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ବୋନସ୍ ଦେବୁ । ସେ କୁହନ୍ତି ଉକ୍ତ ଚାନ୍ଦା ଦେବା ଫଳରେ ପ୍ରଭୁ ମତେ ଦଶଗୁଣ ବଢ଼ାଇ ଫେରସ୍ତ କଲେ ଯାହାକି ମୋ କଳନାରେ ମଧ ନଥିଲା ।

ପୁନଶ୍ଚ ବ୍ରହ୍ମିଂହାମ୍ ୟୁ.କେରୁ ଜଣେ ବନ୍ଧୁ ଲେଖିଛନ୍ତି ମୁଁ ନିଜ ପରିବାର ସମେତ ୨୦୧୬ ମସିହାରେ ବୟତ କରିଥିଲି । ସେ କୁହନ୍ତି ବୟତ କରିବା ପୂର୍ବରୁ ମୋର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ମୁଣ୍ଡ ଉପରେ ଢ଼େର ଅଧିକ କରଜ ରହିଥିଲା କିନ୍ତୁ ଯେତେବେଳେ ମୁଁ ମୋ ସାମର୍ଥ୍ୟ ଅନୁସାରେ ଚାନ୍ଦା ଦେବା ଆରମ୍ଭ କଲି ବରଂ ବେଳେବେଳେ ମୋ ସାମର୍ଥ୍ୟଠାରୁ ଅଧିକା କିଛି ତହରିକ୍‌ରେ ଭାଗ ନେବା ଆରମ୍ଭ କଲି, ସେ କହୁଛନ୍ତି ଯେ ପ୍ରାରମ୍ଭିକ ଦିନର ଘଟଣା ମୋର ପତ୍ନୀଙ୍କୁ ଗୋଟିଏ ସ୍କୁଲରେ ଏକ କାର୍ଯ୍ୟକ୍ରମରେ ତବ୍‌ଲିଗ୍ ଷ୍ଟଲ୍ ଲଗାଇବାର ଅବସର ମିଳିଲା । ସେଦିନ ମୁଁ ଛୁଟି ନେଲି କାରଣ ପିଲାମାନଙ୍କୁ ଜଗାରଖା କରିବାର ଥିଲା । ଏହି ଛୁଟି ନେବା ଯୋଗୁଁ ମୋର ଶହେ ପାଉଣ୍ଡ କ୍ଷତି ଘଟିଲା ଏବଂ ତାହା ଆମ ପାଇଁ ବଡ଼ ରାଶି ଥିଲା । କାରଣ ଆମ ଅର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ସେ ଯାହା ହେଉ ଅଲ୍ଲାଃ ତାଲାଙ୍କ ଖାତିର୍ ଏହି କୁର୍ବାନୀ କରିବାପାଇଁ ମୁଁ ରାଜି ହୋଇଗଲି କିନ୍ତୁ ପ୍ରଭୁ ଆମ ପାଇଁ ଆଉ କିଛି ସ୍ଥିର କରି ରଖିଥିଲେ । ସେ କୁହନ୍ତି ଯେତେବେଳେ ମୋ ପତ୍ନୀ କାମ ସାରି ଘରକୁ ଫେରିଲେ ସେତେବେଳେ ମୋ ମାଲିକର ଫୋନ୍ ଆସିଲା ଯେ, ଯଦି ସମ୍ଭବ ତ ଘଂଟାଏ ପାଇଁ ଆସି ଗୋଟିଏ ଜରୁରୀକାଳୀନ କାମ ଆସି ପହଂଚିଛି ତାହାକୁ ସମ୍ପାଦନ କର । ସେ କୁହନ୍ତି ମୁଁ ସଙ୍ଗେ ସଙ୍ଗେ ବାହାରିଗଲି ଏବଂ ସେଦିନ ମାତ୍ର ଘଂଟାଏ କାମ କରି ପୁରା ଦିନର ଅର୍ଥ ଅର୍ଥାତ ଶହେ ପାଉଣ୍ଡ (ଯାହାକି ମତେ ମିଳିବାର ନଥିଲା ତାହା) ମତେ ମିଳିଗଲା । ଏକଥା ଆସି ମୁଁ ନିଜ ପତ୍ନୀଙ୍କୁ କହିଲି ତେବେ ନବାଗତ ଅହେମଦୀ ଅଲ୍ଲାଃଙ୍କ ନିକଟରୁ ଏପରି ପୁରସ୍କାରର ପାତ୍ର ହୋଇଚାଲିଛନ୍ତି ଏବଂ ଏଥିରେ ସେମାନେ କିଭଳି ଆନନ୍ଦିତ ଓ କୃତଜ୍ଞତା ଜ୍ଞାପନ କରୁଛନ୍ତି ଦେଖିବା ଯୋଗ୍ୟ ।

ଓ୍ୱକିଲୁଲ୍ ମାଲ୍ ତହରିକେ-ଏ-ଜଦିଦ୍ ଲେଖିଛନ୍ତି ଯେ ଯମାତ୍ ଅହେମଦୀୟା କରୋଲାଇ, କେରଳ ରାଜ୍ୟର ଜଣେ ଧର୍ନାଢ୍ୟ ବନ୍ଧୁ ପ୍ରସଙ୍ଗରେ ସେ ଲେଖିଛନ୍ତି ଯେ ସଂପୃକ୍ତ ବ୍ୟକ୍ତି ଜଣକ ପ୍ରତ୍ୟେକ ବର୍ଷ ତହରିକେ ଜଦିଦ୍‌ରେ ଅସାଧାରଣ ଉତ୍ସାହର ସହିତ ମୋଟା ଅଙ୍କର ଅର୍ଥ ଦାନ କରିଥାନ୍ତି ଅର୍ଥାତ ଏହି ତହ୍‌ରିକେ-ଏ-ଜଦିଦ୍ ପାଣ୍ଠିରେ ଦାନ କରିଥାନ୍ତି । ଚଳିତ ବର୍ଷ କରୋନାର ସଙ୍କଟାପନ୍ନ ଅବସ୍ଥା ସତ୍ତ୍ୱେ ମଧ ସେ ତହ୍‌ରିକେ-ଏ-ଜଦିଦ୍‌ର ପାଂଣ୍ଠିରେ ଦଶଲକ୍ଷ ଟଙ୍କା ପଇଠ କରିବା ପାଇଁ ଓ୍ୱାଦା କରିଥିଲେ କିନ୍ତୁ ତାହା ପରିବର୍ତେ ସେ ଅଠରଲକ୍ଷ ଟଙ୍କା ଚାନ୍ଦା ପଇଠ କରିଦେଲେ । ଏପରି ମୋଟା ଅଙ୍କର ବଳିଦାନ କରିବାର ସେ ପ୍ରଣ କରିନେଇଛନ୍ତି । ହଜୁର କହିଲେ: ଧନୀକ ଗୋଷ୍ଠୀରେ ମଧ ଅଲ୍ଲାଃଙ୍କ କୃପାରୁ ଏପରି ଅହେମଦୀ ଅଛନ୍ତି ଯେ କୁର୍ବାନୀର ଉତ୍ସାହ ପୋଷଣ କରୁଛନ୍ତି ଏବଂ ଯେଉଁ ଅର୍ଥ ଉର୍ପାଜନ କରିଥାନ୍ତି ତାହାକୁ ସେମାନେ ଗୋପନ ରଖିନଥାନ୍ତି ବରଂ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବାକୁ ଆଗେଇ ଆସିଥାନ୍ତି ।

ବୁରକିନାଫାସୋର ମୁବଲ୍ଲିଗ୍ ହବିବ୍ ସାହେବ୍ ଲେଖିଛନ୍ତି: ଆମର ଜଣେ ସଦସ୍ୟ ଶ୍ରୀମାନ୍ ସ୍ୱଏରେ ସଇଦୁ (Sore Seydou) ସାହେବଙ୍କର ସତର ଶହ ଫ୍ରାଙ୍କ ସିଫା ଚାନ୍ଦା ବାକି ଥିଲା ଏବଂ ତହରିକେ-ଏ-ଜଦିଦ୍‌ର ବର୍ଷ ଶେଷ ହେବାକୁ ମାତ୍ର ସପ୍ତାହେ ବାକି ରହିଯାଇଥିଲା । ସେ ଯାହା ହେଉ ସେ ଚେଷ୍ଟା କରି ଦୁଇହଜାର ସିଫା ଚାନ୍ଦାରେ ପଇଠ କରିଦେଲେ । ଯାହାକି ନିଜ ଧାର୍ଯ୍ୟ ଚାନ୍ଦାଠାରୁ କିଛି ଅଧିକ ଥିଲା । ସେ କୁହନ୍ତି ଉକ୍ତ ରାଶି ପଇଠ କରିବାକୁ ମାତ୍ର ଘଂଟାଏ ଅତିବାହିତ ହୋଇନଥିଲା ଯେ, ମୋର ଜଣେ ପରିଚିତ ମତେ ଦଶ ହଜାର ସିଫା ପ୍ରେରଣ କଲେ । ପୁନଶ୍ଚ ଆଉ କିଛି କ୍ଷଣ ପରେ ଆହୁରି ଦଶହଜାର ଫ୍ରାଙ୍କ ସିଫା ପଠାଇ ଫୋନ୍ କଲେ ଯେ, ଏହି ୨୦ ହଜାର ସିଫା ଆପଣଙ୍କୁ ଉପହାର ସ୍ୱରୂପ ମୁଁ ପଠାଇଛି । ସଇଦୁ ସାହେବ କୁହନ୍ତି ଆଜି ପର୍ଯ୍ୟନ୍ତ ମତେ କେହି ଏପରି ଅର୍ଥ ପ୍ରେରଣ କରିନଥିଲେ ଏହା ପ୍ରଥମ ଘଟଣା ଯେ, ମୁଁ ଦୁଇହଜାର ସିଫା ଫ୍ରାଙ୍କ ପ୍ରଭୁଙ୍କ ମାର୍ଗରେ ଦେଲି ଏବଂ ପ୍ରଭୁ ମତେ ତାହାକୁ ଦଶଗୁଣ ବଢ଼ାଇ ଦୁଇ ଘଂଟା ମଧ୍ୟରେ ୨୦ ହଜାର ସିଫା ଫେରସ୍ତ କରିଦେଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଏହିପରି ଲୋକମାନଙ୍କ ବିଶ୍ୱାସ ବଢ଼ିଥାଏ ।

ସେରେଲିଓ୍ୱନ୍‌ରେ ଲଙ୍ଗି ନାମକ ଏକ ଅଂଚଳ ରହିଛି ସେଠାକାର ମୌଲବୀ ସାହେବ ଲେଖିଛନ୍ତି ଏଠାକାର ଜଣେ ବୟଜ୍ୟୋଷ୍ଠ ବ୍ୟକ୍ତି ଶ୍ରୀମାନ୍ ପା ଜେ, ଏମ୍ କାଇନ୍ ସାହେବ (Pa J.M.Kaine)ଙ୍କର ଗତ ବର୍ଷ ତହ୍‌ରିକେ-ଏ-ଜଦିଦ୍‌ରେ ୨୫ ହଜାର ଲିଓନ୍ ଓ୍ୱାଦା କରିଥିଲେ କିନ୍ତୁ ଚଳିତ ବର୍ଷ ସେ ପଚାଶ ହଜାର ଲିଓନ୍ ଚାନ୍ଦା ଦେବା ପାଇଁ ଓ୍ୱାଦା ଲେଖାଇଲେ ଓ ସେ ଆର୍ଥିକ ସଙ୍କଟରେ ମଧ ଘେରି ରହିଥିଲେ । ଯେତେବେଳେ ତହରିକେ-ଏ-ଜଦିଦ୍‌ର ଚାନ୍ଦା ଆଦାୟ କରିବାର ଘୋଷଣା କରାଗଲା ସେତେବେଳେ ସେ ମିଶ୍ନାରୀଙ୍କୁ ପଚାରିଲେ ମୋର କେତେ ଟଙ୍କା ପଇଠ କରିବାର ଅଛି ? ସେ ଉତର ଦେଲେ ୫୦ ହଜାର ଲିଓନ୍ ଏଥିରେ ସେ ଆଚମ୍ବିତ ହୋଇ କହିଲେ, ଏତେ ଟଙ୍କା ମୁଁ କିପରି ଲେଖାଇ ଦେଲି ମୁଁ ତ ଏତେ ଟଙ୍କା ପଇଠ କରିପାରିବି ନାହିଁ । ମୋର ତ ସାମର୍ଥ୍ୟ ବାହାରେ ମୁବଲ୍ଲିଗ୍ ସାହେବ କହିଲେ ଏ ଅର୍ଥରାଶି ଆପଣ ସ୍ୱୟଂ ଲେଖାଇଛନ୍ତି । ସେ ଯାହା ହେଉ ପରବର୍ତୀ ସପ୍ତାହରେ ଅନ୍‌ସାରମାନଙ୍କର ମିଟିଙ୍ଗ ଥିଲା ଏବଂ ସେଠାରେ ସେ ପହଂଚି କହିଲେ, ମୋ ନିକଟରେ ୬୦ ହଜାର ଲିଓନ୍ ଥିଲା ସେଥିରୁ ୨୦ ହଜାର ଲିଓନ୍ ଘରେ ଛାଡ଼ି ଆସିଛି । ବର୍ତମାନ ମୋ ପାଖରେ ୪୦ ହଜାର ଅର୍ଥ ରହିଛି ଯାହାକି ମୁଁ ତହରିକେ-ଏ-ଜଦିଦ୍‌ରେ ଜମା କରିଦେଉଛି ଏବେ ଘରକୁ ଯିବାପାଇଁ ମୋ ନିକଟରେ ରାସ୍ତାଖର୍ଚ୍ଚ ମଧ ନାହିଁ । ଏଥିରେ ମୁବଲ୍ଲିଗ୍ ସାହେବ ତାଙ୍କୁ କହିଲେ, ବ୍ୟସ୍ତ ହୁଅନ୍ତୁନାହିଁ ଅଲ୍ଲାଃ ତାଲା ତାହାର ବ୍ୟବସ୍ଥା କରିଦେବେ । ତେବେ ସେ ଚାଲି ଚାଲି ଘରକୁ ଯାଉଥିଲେ ଯେ, ରାସ୍ତାରେ ଜଣେ ବନ୍ଧୁ ତାଙ୍କ ସହ ସାକ୍ଷାତ କଲେ ସେ ତାଙ୍କର ପୁରାତନ ବନ୍ଧୁ ଥିଲେ ଏବଂ ବହୁ ଦିନ ପରେ ତାଙ୍କର ସାକ୍ଷାତ ହୋଇଥିଲା । କିଛି କଥାବାର୍ତା ପରେ ଯେତେବେଳେ ଯିବାକୁ ବାହାରିଲେ ସେତେବେଳେ ତାଙ୍କ ବନ୍ଧୁ ତାଙ୍କୁ ୩୦ ହଜାର ଲିଓନ୍ ଉପହାର ଦେଲେ । ପୁନଶ୍ଚ ସେ କୁହନ୍ତି ମୋର ଜଣେ ସମ୍ପର୍କୀୟ ମହିଳା ଥିଲେ, ତାଙ୍କ ସ୍ୱାସ୍ଥ୍ୟ କଥା ବୁଝିବା ପାଇଁ ମୁଁ ଚାଲିଗଲି । ଯେତେବେଳେ ତାଙ୍କ ଘରେ ବସି ତାଙ୍କ ଖବର ବୁଝି ଯିବାକୁ ଉଠିଲି ସେ ମଧ ମତେ ଦଶହଜାର ଲିଓନ୍ ପ୍ରଦାନ କଲେ ଏବଂ କହିଲେ, ଏହା ତୁମ ବାଟ ଖର୍ଚ୍ଚ । ଏପରି ଚାନ୍ଦାରେ ଦେଇଥିବା ଅର୍ଥରାଶି ପ୍ରଭୁ ତାଙ୍କୁ ୪୦ ହଜାର ଲିଓନ ଫେରସ୍ତ କରିଦେଲେ । ଏପରି ସେ ନିଜ ଓ୍ୱାଦା ମୁତାବକ ୫୦ ହଜାର ପଇଠ କରିଦେଲେ । ପୁନଶ୍ଚ ସେ କୁହନ୍ତି କେବଳ ଏତିକି ନୁହେଁ ବରଂ ଆ ପରେ ଅଲ୍ଲାଃ ତାଲା ଆମ ଉପରେ ଆଉ ଏକ କୃପା କରିଛନ୍ତି ଯେ, ଆମର ଜଣେ ପରିଜନ ଅଛନ୍ତି ଓ ସେ ବାହାର ଦେଶରେ ରୁହନ୍ତି ସେ ଫୋନ୍ କଲେ କି ଅନେକ ଦିନ ହେଲା ଆପଣଙ୍କ ସହିତ ଯୋଗାଯୋଗ ହୋଇପାରିନଥିଲା ଓ ଆଜି ମୁଁ ଆପଣଙ୍କ ନିକଟକୁ ଚାରିଲକ୍ଷ ଲିଓନ ପ୍ରେରଣ କରୁଛି । ଏପରି ପ୍ରଭୁ ତାଙ୍କୁ ଦଶଗୁଣ ଅର୍ଥ ପ୍ରଦାନ କଲେ ଏବଂ ତାଙ୍କର ବିଶ୍ୱାସକୁ ଅଭିବୃଦ୍ଧି କରାଇଲେ ।

ଗିନି କନାକରୀର ବୋକେ ରିଜିୟନ୍‌ର ଗୋଟିଏ ଗ୍ରାମର ମିସ୍‌ନାରୀ ଇନ୍‌ଚାର୍ଜ କୁହନ୍ତି: ଜଣେ ନିଷ୍ଠାପର ଅହେମଦି ଶ୍ରୀମାନ୍ ଜିବରିଲ୍ ସାହେବ୍ ଯେ ବୃତିରେ ଜଣେ ବଢ଼େଇ ଅଟନ୍ତି । ଯେତେବେଳେ ଚାନ୍ଦା ପୈଠ କରିବାକୁ ତାଙ୍କର ଧାନ ଆକର୍ଷିତ କରାଗଲା, ସେ କହିଲେ ଆଜି ମୁଁ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୨୦ହଜାର ଫ୍ରାଙ୍କ ରଖିଥିଲି । କିନ୍ତୁ ଆଜି ମୁଁ ସେହି ସମସ୍ତ ଅର୍ଥ ବର୍ତମାନ ମୁଁ ଚାନ୍ଦାରେ ଦେଉଛି । ବର୍ତମାନ ମୋ ହାତରେ କିଛି ନାହିଁ କିନ୍ତୁ ମୁଁ ଦୁଆ କରୁଛି ଅଲ୍ଲାଃ ତାଲା ଆମର ଏହି ବଳିଦାନକୁ ସ୍ୱୀକାର କରନ୍ତୁ । ଜିବରିଲ୍ ସାହେବ କୁହନ୍ତି: ଗତ ତିନି ମାସ ହେବ ସେ ଗୋଟିଏ କାଠ ପଲଙ୍କ ତିଆରି କରି ରଖିଥିଲେ କିନ୍ତୁ ତାହାକୁ କିଣିବା ପାଇଁ କୌଣସି ଗ୍ରାହକ ଜୁଟୁ ନଥିଲେ । ପ୍ରଭୁଙ୍କ ଲିଳା ଦେଖ ଯେ ଚାନ୍ଦା ପୈଠ କରିବାର କିଛି କ୍ଷଣ ପରେ ହିଁ ଜଣେ ବ୍ୟକ୍ତି ଓ ସେହି ପଲଙ୍କଟିକୁ ଖରିଦ୍ କରିବାକୁ ଆସି ପହଂଚିଲେ ଏବଂ ସେ ତାହାକୁ ୧ ମିଲିୟନ୍ ୫ ଲକ୍ଷ ଫ୍ରାଙ୍କରେ ଖରିଦ୍ କରିନେଲେ । ସେଥିଅନ୍ତେ ସେ ସଙ୍ଗେ ସଙ୍ଗେ ଆମ ମିଶ୍ନରୀ ଇନଚାର୍ଜଙ୍କୁ ଫୋନ କରି କହିଲେ, ଦେଖନ୍ତୁ ଅଲ୍ଲାଃ ତାଲା ମୋ ବଳିଦାନ କେବଳ ସ୍ୱୀକାର ହିଁ କଲେ ନାହିଁ ବରଂ ତାହାକୁ ଅନେକ ଗୁଣା ବଢ଼ାଇ ଫେରସ୍ତ କରିଦେଲେ । ବର୍ତମାନ ସେ ନିଜ ବନ୍ଧୁ ପରିଜନମାନଙ୍କ ସହିତ ମଧ ଏହି ବଶ୍ୱାସ ବର୍ଦ୍ଧକ ଘଟଣାର ଆଲୋଚନା କରୁଛନ୍ତି । ଯଦ୍ୱାରା ସେମାନଙ୍କ ବିଶ୍ୱାସରେ ମଧ ଅଭିବୃଦ୍ଧି ଘଟିବ ।

ସେରେଲିଓନ୍ ଫ୍ରିଟାଉନ୍‌ର ମୁବଲ୍ଲିଗ୍ ମୁନୀର ହୁସେନ୍ ସାହେବ କୁହନ୍ତି: ଏଠାକାର ଜଣେ ଖାଦିମ୍ ସୁଫି ସୋଙ୍ଗୋ (Sufi songo) ସାହେବ ପାଠ ପଢୁଛନ୍ତି । ଅର୍ଥାତ ସେ ଜଣେ ବିଦ୍ୟାର୍ଥୀ ଓ ମସ୍‌ଜିଦ୍‌ରେ ରହି ପାଠ ପଢୁଛନ୍ତି ଯେତେବେଳେ ସେ ମୋର ଗତବର୍ଷର ଖୁତ୍‌ବା ତହ୍‌ରିକେ-ଏ-ଜଦିଦ୍ ପ୍ରସଙ୍ଗରେ ରେକର୍ଡିଂ ଶୁଣିଲେ ଯେଉଁଥିରେ ଅର୍ଥଦାନ କରିବା ପରିପ୍ରେକ୍ଷୀରେ ଆଲୋଚନା କରାଯାଇଥିଲା । ସେଥିରେ ସେ ଅନୁପ୍ରାଣିତ ହୋଇ ଅର୍ଥ ଦାନରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କଲେ କିନ୍ତୁ ଅସୁବିଧା ଏହା ଥିଲା ଯେ ସେ ହେଉଛନ୍ତି ଜଣେ ଛାତ୍ର ଓ ସେ କୌଣସି କାମଧନ୍ଦା କରୁନାହାନ୍ତି ତେଣୁ ସେ ନିଜର ପାଠ ପଢ଼ା ଖର୍ଚ୍ଚ ମଧ ବହୁ କଷ୍ଟରେ ବହନ କରୁଛନ୍ତି । ଏ ସବୁ ସତ୍ତ୍ୱେ ମଧ ସେ ସେକ୍ରେଟାରୀ ସାହେବ୍ ତହ୍‌ରିକେ-ଏ-ଜଦିଦ୍‌ଙ୍କ ନିକଟରେ ନିଜର ପାଂଚଲକ୍ଷ ଲିଓନ୍ ଚାନ୍ଦା ଲେଖାଇ ଦେଲେ କିନ୍ତୁ ଚାନ୍ଦା ପଇଠ କରିବା ପାଇଁ ବହୁତ ଚିନ୍ତିତ ରହୁଥିଲେ ଏବଂ ଦୁଆ ମଧ କରୁଥିଲେ କିଛି ଦିନ ପରେ ତାଙ୍କର ଜଣେ ପରିଜନ ନିଜ ପୁତ୍ରଙ୍କୁ ନେଇ ଆସିଲେ ଯିଏ ନିଜ ପୁତ୍ରକୁ ଅହେମଦିୟା ସ୍କୁଲ୍‌ରେ ଆଡ୍‌ମିଶନ୍ କରିବାକୁ ଚାହୁଁଥିଲେ ତାଙ୍କ କହିବାରେ ପ୍ରିନ୍ସିପାଲ୍ ସାହେବ ତାଙ୍କ ପିଲାର ଆଡ୍‌ମିଶନ୍ କରିନେଲେ । ସେଥିଅନ୍ତେ ପିଲାର ପିତା ତାଙ୍କୁ ଏକ ଲକ୍ଷ ଲିଓନ୍ ପ୍ରଦାନ କଲେ ଏବଂ କହିଲେ, ଏହା ତୁମ ଖାଇବାରେ ଦରକାର ହେବ ଏହାକୁ ରଖିନିଅ । ସେଦିନ ମୋ ନିକଟରେ ଖାଇବା ପାଇଁ ମଧ କିଛି ନଥିଲା କିନ୍ତୁ ମୁଁ ଏହି ଅର୍ଥ ଚାନ୍ଦା ତହ୍‌ରିକେ ଜଦିଦ୍‌ରେ ପଇଠ କରିଦେଲି । କିଛି ଦିନ ପରେ ଗୋଟିଏ ଅଜଣା ନମ୍ବରରୁ ଫୋନ ଆସିଲା ଯେ ଯଦି ତୁମେ ଗୋଟିଏ କାର୍ଯ୍ୟ କରିବ ତାହାର ତୁମକୁ ଯଥେଷ୍ଟ ଆମଦାନୀ ହେବ ଏଥିରେ ସେ ରାଜି ହୋଇଗଲେ ଏବଂ ସେହି କାମ କରି ତାଙ୍କୁ ଏକ ମିଲିୟନ୍ ଲିଓନ୍ ମିଳିଗଲା । ସେ ନିଜର ଓ୍ୱାଦା କରିଥିବା ଚାନ୍ଦା ତହ୍‌ରିକେ-ଏ-ଜଦିଦ୍‌ରେ ସଙ୍ଗେ ସଙ୍ଗେ ପଇଠ କରିଦେଲେ ।

ଗୈବୁନ୍‌ର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ଜଣେ ନବାଗତ ଅହେମଦି ଇସା ଦିନ୍‌ଦାନେ (Issa Dindane) ସାହେବ କହିଲେ; ଚାନ୍ଦା ଦେବା ପୂର୍ବରୁ ମୋର ଅବସ୍ଥା ଏପରି ଥିଲା ଯେ, ବେଳେବେଳେ ଦୁଇ ତିନି ସପ୍ତାହ ଅତିବାହିତ ହୋଇଯାଉଥିଲେ ସୁଧା ମତେ କିଛି କାମ ମିଳୁନଥିଲା । କିନ୍ତୁ ଯେବେଠାରୁ ମୁଁ ଚାନ୍ଦା ଦେବା ଆରମ୍ଭ କରିଛି ସେବେଠାରୁ ପ୍ରତିଦିନ ମତେ କାମ ମିଳିଯାଉଛି ବର୍ତମାନ ସେ ନିୟମିତ ନିଜର ଚାନ୍ଦା ପଇଠ ବହୁତ ଦୂରରେ ଆସି ଦେଇଯାଉଛନ୍ତି । ବରଂ ଯେତିକି ଚାନ୍ଦା ଦେଇଛନ୍ତି, ସେତିକି ଟ୍ୟାକ୍ସି ଭଡ଼ା ମଧ ଦେଇଛନ୍ତି ।

ଉର୍ଦନ୍‌ର ଜଣେ ମହିଳା ଶ୍ରୀମତି ଫଜର୍ ଅତାୟା ସାହିବା କୁହନ୍ତି: ମତେ ଅହେମଦୀ ହେବାକୁ ୨୨ ବର୍ଷ ପୁରିଗଲାଣି ଏହି ଅବଧି ମଧରେ ମୁଁ ପ୍ରତ୍ୟେକ ଥର ଯେତେବେଳେ ଚାନ୍ଦା ଦେବାର ନିୟତ କରିଛି ଅଲ୍ଲାଃ ତାଲା ଅଭୁତପୂର୍ବ ଭାବରେ ସାହାଯ୍ୟ କରି ମତେ ଚାନ୍ଦା ଦେବାର ବ୍ୟବସ୍ଥା

କରିଦେଇଥାନ୍ତି । କେତେକ ସମୟରେ ତ ସେତିକି ଅର୍ଥ ହିଁ ଆସିଯାଇଥାଏ ଯେତିକି ମୁଁ ଚାନ୍ଦା ଦେବା ପାଇଁ ନିୟତ କରିଥାଏ । ବାସ୍ତବରେ ଏହା ଜମାତ୍‌ର ହିଁ କଲ୍ୟାଣ ମୁଁ ଇଞ୍ଜିନିୟରିଂ କରିଛି ଯେଉଁ କାମ ଘରେ କରିବାକୁ ମତେ ମିଳିଥାଏ ତାହା ହିଁ ମୁଁ କରିଦେଇଥାଏ ଏବଂ ସେଥିରୁ ଯାହା ଉପାର୍ଜନ ହୋଇଥାଏ ତାହା ମୁଁ ଚାନ୍ଦାରେ ପଇଠ କରିଥାଏ ମୋର ଅଭ୍ୟାସରେ ରହିଛି ଯେ ମୁଁ ଚାନ୍ଦା ପାଇଁ ନିଜ ସ୍ୱାମୀଙ୍କୁ ଅର୍ଥ ମାଗିନଥାଏ ବରଂ ନିଜ ବ୍ୟକ୍ତିଗତ ଉପାର୍ଜନରୁ ହିଁ ଚାନ୍ଦା ପଇଠ କରିଥାଏ । ଏଥର ମୁଁ ଭାବିଥିଲି ଯେ ବୋଧହୁଏ ମୁଁ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦା ପଇଠ କରିଦେଇଛି ବୋଲି କିନ୍ତୁ ଯେତେବେଳେ ମତେ ସ୍ମରଣ କରାଗଲା ଯେ, ଆପଣ ଚାନ୍ଦା ପଇଠ କରିନାହାନ୍ତି ସେତେବେଳେ ମୋ ନିକଟରେ ଗୋଟିଏ ଟଙ୍କା ବି ନଥିଲା ତେଣୁ ମୁଁ ଏହି ଚିନ୍ତାରେ ଥିଲି ଯେ ଏହି ସମୟରେ ଜଣେ ଛାତ୍ରୀ ମୋ ନିକଟକୁ ଆସିଲେ ଏବଂ କହିଲେ, ମତେ ଟ୍ୟୁସନ ପଢ଼ାଇ ଦିଅନ୍ତୁ । ବସ୍ତୁତଃ ଉକ୍ତ ଟ୍ୟୁସନ୍ ଫିସ୍ ମାଧ୍ୟମରେ ମୋ ଚାନ୍ଦା ପଇଠ କରିଦେଲି ଓ ମୋ ନିକଟରେ ଆଉ କିଛି ଟଙ୍କା ମଧ୍ୟ ବଂଚିଗଲା ।

ବୁର୍‌କିନା ଫାସୋର ଗୋଟିଏ ଯମାତ୍‌ର ନାମ ହେଉଛି Bokubadala ସେଠାକାର ସଦର ଜମାତ୍ କୁହନ୍ତି ମୋ ନିକଟକୁ କିଛି ଅଣଅହେମଦୀ ବନ୍ଧୁ ଆସିଲେ ଏବଂ କହିଲେ, ଆମେମାନେ ଆପଣଙ୍କ ଫସଲଗୁଡ଼ିକୁ ଦେଖି କାରଣ ଆମେ ସ୍ୱଚକ୍ଷୁରେ ଏହା ଦେଖିଥାଉଁ ଯେ ଆପଣମାନେ ଯମାତିୟ ସ୍କୁଲ୍ ନିର୍ମାଣ କରିବାରେ କିଭଳି ସମୟ ଦେଉଛନ୍ତି ଫଳତଃ ସେତେବେଳେ ଆପଣଙ୍କ ଫସଲର ରକ୍ଷଣାବେକ୍ଷଣ କରିବାକୁ କେହି ନଥାନ୍ତି ତଥାପି ଆପଣମାନଙ୍କ ଫସଲ ଆମ ତୁଳନାରେ ଢ଼େର୍ ଅଧିକ ହୋଇଛି ଯେବେ କି ଅପରପକ୍ଷେ ଆମ୍ଭେମାନେ ନିଜର ସମସ୍ତ ସମୟ ଫସଲକୁ ଜଗାରଖା ଓ ଦେଖାଶୁଣା କରିବାରେ ବ୍ୟତିତ କରିଥିଲୁ ତଥାପି ଆପଣମାନଙ୍କ ତୁଳନାରେ ଆମର ଫସଲ ଭଲ ହେଲାନାହିଁ । ଏଥିରେ ସଦର ସାହେବ କହିଲେ ଏ ସମସ୍ତ ୱକାରେ ଅମଲ୍ ଆମେ ପ୍ରଭୁ ଓ ଜମାତ୍ ପାଇଁ କରିଥିଲୁ ଏବଂ ଯେଉଁ ସମୟ ଆମେ ସ୍କୁଲ୍ ପାଇଁ ଦେଇଥିଲୁ ସେତେବେଳେ ଏହି ଦୁଆ ମଧ୍ୟ କରୁଥିଲୁ ଯେ ହେ ପ୍ରଭୁ ଆମ ଫସଲର ତୁମେ ହିଁ ସୁରକ୍ଷା କରିବ କାରଣ ଆମର ତ ତୁମେ ହିଁ ସାହା ଭରଷା । ଅତଏବ ପ୍ରଭୁ ଆମ ବିନମ୍ର ପ୍ରାର୍ଥନା ସ୍ୱୀକାର କଲେ ଏବଂ ଆମକୁ ଭଲ ଫସଲ ପ୍ରଦାନ କଲେ । ବର୍ତମାନ ଆମେ ସେଥି ମୁତାବକ ଚାନ୍ଦା ମଧ୍ୟ ପଇଠ କରୁଛୁ ।

ପିଲାମାନେ ମଧ୍ୟ କିଭଳି କୁର୍ବାନୀ କରିଥାନ୍ତି ତାହାବି ଆଫ୍ରିକାର ଗରୀବ ଦେଶର ପିଲା ଯାହାଙ୍କର ବୁଦ୍ଧି ଜ୍ଞାନ ମଧ୍ୟ ପରିପକ୍ୱ ହୋଇନଥାଏ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେହି ଗରୀବ ପିଲାମାନଙ୍କର ଯେଉଁ ବୁଦ୍ଧି ଓ ବିବେକ ରହିଛି ତାହା ଉନ୍ନତ ଓ ବିକାଶ ଶୀଳ ଦେଶରେ ପଢ଼ାଲିଖା ପିଲାମାନଙ୍କର ମନରେ ଉଦ୍ରେଗ ହୋଇନଥାଏ । ଆମର ମୁବଲିଗ୍ ହୁସୈନ୍ ୟୁସୁଫ ସାହେବ କୁହନ୍ତି ଏକଦା ପିଲାମାନେ ମସ୍‌ଜିଦ୍ ବାହାରେ ଖେଳୁଥିଲେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ସେହି ରାସ୍ତା ଦେଇ ଅତିକ୍ରମ କଲେ ଓ ପିଲାମାନଙ୍କୁ ଦେଖି ସେ ଖୁସିରେ ତାଙ୍କୁ ଚକୋଲେଟ ଖାଇବା ପାଇଁ ୧୪୦୦ ସିଲଂ ପ୍ରଦାନ କଲେ । ପିଲାମାନେ ସେହି ରାଶି ନେଇ ଅହେମଦୀ ଦୋକାନୀ ନିକଟକୁ ଗଲେ ଏବଂ ତାହାକୁ ଖୁଚୁରା କରିନେଲେ ଏବଂ ତାହାକୁ ନେଇ ମସଜିଦ ଆସିଲେ ଏବଂ ନିଜ ନିଜ ଭାଗରେ ପଡ଼ିଥିବା ଟଙ୍କାକୁ ଚକୋଲେଟ ଖାଇବା ପରିବର୍ତେ ଶହେ ଶହେ ସିଲଂ ଚାନ୍ଦା ପଇଠ କରିଦେଲେ ଏବଂ ବେଶ୍ ଖୁସିର ଆନନ୍ଦର ସହକାରେ ନିଜ ନିଜ ରଶିଦ୍ ଯତ୍ନର ସହ ରଖିନେଲେ ନିଜ ନିକଟରେ । ଯେତେବେଳେ ଏକଥା ସେହି ଦୋକାନୀକୁ ଜଣାପଡ଼ିଲା ସେ ଆଚମ୍ବିତ ହୋଇଗଲେ ଏବଂ କହିଲେ ଯେ ଏହି ପିଲାମାନେ ଇନ୍‌ଶାଅଲ୍ଲାଃ ଯମାତ୍‌ର ସୁଦୃଢ଼ ଭିତିପ୍ରସ୍ତର ସ୍ଥାପନ କରିବେ ।

ପୁନଃ ପିଲାମାନଙ୍କ ବଳିଦାନର ଆଉ ଏକ ଅଭୁତପୂର୍ଣ୍ଣ ଘଟଣା ଶୁଣନ୍ତୁ । ତାଞ୍ଜାନିୟା ଦେଶର Samuye ଜମାତ୍‌ର ମୁଅଲ୍ଲିମ ସାହେବ ଲେଖିଛନ୍ତି ଯେ ଆମ ଯମାତ୍‌ରେ ତିନିଜଣ ଅତ୍‌ଫାଲ୍ ଅଛନ୍ତି ଯେଉଁମାନେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନରତ । ନିୟମିତ ସେମାନେ ମସଜିଦ୍‌ର ଧାର୍ମିକ ଶିକ୍ଷାର କ୍ଲାସ୍‌ରେ ସାମିଲ ହୋଇଥାନ୍ତି ଓ ସେହି ତିନିଜଣ ପିଲାମାନେ ଅତି ଗରୀବ ଘରର । ସେମାନଙ୍କର କୌଣସି ସ୍ଥାୟୀ ଆମଦାନୀ ନାହିଁ । ଗତମାସରେ ସେମାନେ ପରସ୍ପର ମଧ୍ୟରେ ମୁକାବିଲା କରୁଥିଲେ ଯେ ତହ୍‌ରିକେ ଜଦିଦ୍‌ରେ କିଏ ଅଧିକ ଚାନ୍ଦା ପଇଠ କରିବ ? ପ୍ରତ୍ୟେକ ଅଲଗା ଅଲଗା ନିଜ ଚାନ୍ଦା ଆଣୁଥିଲେ ଯାହା କିଛି ବି ଅର୍ଥ ସେମାନଙ୍କ ନିକଟରେ ଥିଲା ଅର୍ଥାତ କେହି ପାଚଂଶହ ତ କେହି ଚାରିଶହ ଆଉ କେହି ସାତଶହ ସିଲଂ ଯାହା ସେମାନଙ୍କ ନିକଟରେ ଥିଲା ତାହା ସେମାନେ ପଇଠ କରିଦେଲେ । ଏକଦା ମୁଁ ତାଙ୍କୁ ପଚାରିଲି ଯେ, ତୁମେ ଏହି ରାଶି କେଉଁଠାରୁ ଆଣିଲ, ଜଣେ କହିଲେ ମୁଁ ନିଜ ମାତାଙ୍କ ସାଥିରେ କାଠ କାଟିବାକୁ ଜଙ୍ଗଲକୁ ଯାଇଥିଲି ଏବଂ ସେ ମତେ ପକେଟ ଖର୍ଚ୍ଚ ପାଇଁ ଯାହା ଦେଉଥିଲେ ତାହାକୁ ମୁଁ ତହ୍‌ରିକେ-ଏ-ଜଦିଦ୍‌ରେ ଚାନ୍ଦା ଦେବାପାଇଁ ସଂଚୟ କରିଥିଲି । ସେ ଆହୁରି ମଧ୍ୟ କହିଲେ ଯେ ଯେବେଠାରୁ ଆମେ ଚାନ୍ଦା ଦେବା ଆରମ୍ଭ କରିଛୁ ସେବେଠାରୁ ଆମକୁ କାଠ ଖରିଦ କରିବା ଗ୍ରାହକ ସଙ୍ଗେ ସଙ୍ଗେ ମିଳିଯାଉଛନ୍ତି ଏବଂ କଦାପି ଆମର କ୍ଷତି ହୋଇନାହିଁ । ଦ୍ୱିତୀୟ ପିଲା ଜଣକ କହିଲେ ମୁଁ ନିଜ ପକେଟ ଖର୍ଚ୍ଚରୁ ଚାନ୍ଦା ଦେବାପାଇଁ ଅର୍ଥ ସଂଚୟ କରିଥିଲି । ତୃତୀୟ ପିଲା ଜଣକ କହିଲେ, ଆମ ଘର ନିକଟରେ ଏକ ଗଛରେ ଫଳ ଲାଗିଥିଲା ଯାହାର ଫଳ ଆମେ ଖାଇବା ପରେ ମଧ୍ୟ କିଛି ଫଳ ବଂଚିଗଲା ତେଣୁ ବାକି ଫଳ ବିକ୍ରି କରି ସେଥିରୁ ଉପାର୍ଜିତ ଅର୍ଥ ମୁଁ ଚାନ୍ଦାରେ ପଇଠ କରିଦେଲି । ସେହି ତିନିଜଣ ପିଲା ନିଜ ନିଜର ଚାନ୍ଦା ଯୋଗୁଁ ଯେଉଁ ଶାନ୍ତି ଓ ସନ୍ତୋଷ ପାଇଲେ ସେ ବିଷୟରେ ନିଜ ନିଜର ଅନୁଭବକୁ ବର୍ଣ୍ଣନା କଲେ । ଅଲ୍ଲାଃ ତାଲା ଏହି ପିଲାମାନଙ୍କ ବିଶ୍ୱାସ ଓ ନିଷ୍ଠାରେ ଅଭିବୃଦ୍ଧି କରନ୍ତୁ । ଏହା ସେହି ବିଶ୍ୱାସ ଯେଉଁଥିରୁ ଆମ ପିଲାମାନେ ମଧ୍ୟ ଭାଗ ନେଉଛନ୍ତି ଏବଂ ଆନନ୍ଦ ଉପଭୋଗ କରୁଛନ୍ତି ।

ବେଲିଜ୍ ଦେଶ ହେଉଛି ଦୁନିଆର ଗୋଟିଏ କୋଣରେ ଥିବା ଦେଶ । କିନ୍ତୁ ଦେଖନ୍ତୁ କିଭଳି ସେଠାରେ ମଧ୍ୟ ସମାନ ଉଦାହରଣ ଦେଖିବାକୁ ମିଳୁଛି । ବେଲିଜ୍‌ର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ଯେ ସେଠାରେ ମସଜିଦ୍ ନିର୍ମାଣ ପାଇଁ ଜଣେ ୧୪ ବର୍ଷିୟ ବାଳକ ନିଜର ସମସ୍ତ ସଂଚୟ ଅର୍ଥରାଶି ଆଣି ଦାନ କରିଦେଲେ ପୁଣି ସେ ତହ୍‌ରିକେ-ଏ-ଜଦିଦ୍‌ରେ ମଧ୍ୟ ଅର୍ଥ ଦାନ କରିବାର ଅଭୁତପୂର୍ଣ୍ଣ ନମୁନା ପ୍ରଦର୍ଶନ କଲେ । ସେ ଏକ ଗରୀବ ଘରର ପିଲା କିନ୍ତୁ ମୁରବୀ ସାହେବ ଯେତେବେଳେ ତହ୍‌ରିକେ-ଏ-ଜଦିଦ୍‌ର ଗୁରୁତ୍ୱ ବର୍ଣ୍ଣନା କଲେ ସେ ନିଜର ଜମା ରାଶି ଏକ ଡ଼ଲାର ତହ୍‌ରିକେ-ଏ-ଜଦିଦ୍‌ରେ ଦାନ କଲେ । ଏହି ରାଶି ମଧ୍ୟ ତାଙ୍କ ପାଇଁ ବହୁତ ବଡ଼ ଅର୍ଥ ଥିଲା । ପୁନଶ୍ଚ ବାଳକ ଜଣକ ମୁବଲିଗ୍ ସାହେବଙ୍କୁ କହିଲେ, ମୋ ନାମ ଲେଖନ୍ତୁ ନାହିଁ ଏହା ମୁଁ ନିଜ ଘର ଲୋକଙ୍କ ତରଫରୁ ପଇଠ କରୁଛି । ମୋ ଅଂଶ ମୁଁ ପରେ ପଇଠ କରିବି । ପରବର୍ତୀ ଦିନ ସେ ଆଉ ଦଶ ଡ଼ଲାର ନେଇ ଆସିଲେ ଏବଂ କହିଲେ, ଅଲ୍ଲାଃ ତାଲା ଆମ ଘର ଲୋକଙ୍କ ଉପରେ ନିଶ୍ଚୟ କୃପା କରିବେ । ଅଲ୍ଲାଃ ତାଲା କିଭଳି ନୂତନ ଆଗମନକାରୀଙ୍କ ହୃଦୟରେ କୁର୍ବାନୀର ଆତ୍ମ୍‌ସଂଚାର କରିଛନ୍ତି ଏବଂ ନିଜ କୃପା ପ୍ରଦାନ କରିଚାଲିଛନ୍ତି ଏହା ଦେଖିବା ଯୋଗ୍ୟ ।

ମରାକିଶ୍ ଦେଶର ଜଣେ ବନ୍ଧୁ ନୁରଦ୍ଦିନ୍ ସାହେବ କୁହନ୍ତି: ୨୦୧୭ ମସିହାରେ ବୟତ କରିବା ପରେ ମୁଁ ଚାନ୍ଦା ଦେବା ଆରମ୍ଭ କଲି । ସେତେବେଳେ ମୋ ଆମଦାନୀ ଅତି ସ୍ୱଳ୍ପ ଥିଲା ଦିନେ ଯମାତ୍‌ର ୱେବସାଇଟରେ ହଜୁରଙ୍କର ଖୁତବା ଶୁଣିଲେ ଯେଉଁଥିରେ ହଜୁର ହଜରତ ମସିହ୍ ମଉଦ୍ ଆ:ସଙ୍କ ସାହାବା ଓ ଅନ୍ୟ ଅହେମଦୀଙ୍କ ଅର୍ଥଦାନର ଘଟଣା ଚର୍ଚ୍ଚା କରିଥିଲେ । ସେ କୁହନ୍ତି କିଛି ଦିନ ପରେ ମୋ ମନ ଭିତରେ ଏ ଆଗ୍ରହ ଉତ୍ପନ୍ନ ହେଲା ଓ ମୁଁ ସଦର ସାହେବଙ୍କୁ କହିଲି ଯେ ମୁଁ ୱସିୟତରେ ସାମିଲ ହେବାକୁ ଚାହୁଁଛି । ସେ ୱସିୟତ ବାବଦରେ କିଛି ସର୍ତ ଓ କର୍ତବ୍ୟ ରହିଛି ବୋଲି କହିଲେ, ଯାହାକି ୱସିୟତ କରିବାପାଇଁ ଅତ୍ୟନ୍ତ ଜରୁରୀ । ଅତଏବ ସେ ୱସିୟତ କରିନେଲେ । ସେ କୁହନ୍ତି ସେଥିଅନ୍ତେ ମୋ ଅବସ୍ଥାରେ ଉନ୍ନତୀ ହେବାକୁ ଲାଗିଲା ଗୋଟିଏ କମ୍ପାନୀରେ ମୋତେ ଭଲ ଦରମାରେ ଚାକିରି ମିଳିଗଲା । ବର୍ତମାନ ମୁଁ ସେହି କମ୍ପାନୀରେ ଆଉ ଏକ ସହରରେ ମ୍ୟାନେଜର ପଦବୀରେ କାମ କରୁଛି । ମୋ ଦରମା ତିନିବର୍ଷରେ ତିନିଗୁଣ ହୋଇଗଲାଣି କମ୍ପାନୀ ମୋ ଉପରେ ଏଭଳି ଭରଷା କରୁଛି ଯେ ମୋତେ କମ୍ପାନୀର ଅଧ୍ୟକ୍ଷ କହିଲେ ଯେ ଯଦି ତୁମର ଅନ୍ୟ କେହି ଅହେମଦୀ ବନ୍ଧୁ ଥାଆନ୍ତି ତା'ହେଲେ ତୁମେ ତାଙ୍କୁ ଆଣ ଆମେ ତାଙ୍କୁ କମ୍ପାନୀରେ ଚାକିରି ଦେବୁ । ଏକଥା ଶୁଣି ମୁଁ ଅତି ଭାବବିହ୍ୱଳ ହୋଇଗଲି । ମୋ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା ଅତଏବ ମୁଁ ଜଣେ ଅହେମଦୀ ଭାଇ ସହିତ କଥାବାର୍ତା ହେଲି । ବର୍ତମାନ ତାଙ୍କୁ ମଧ୍ୟ ଚାକିରି ମିଳିଗଲାଣି ଏବଂ ସେ ମଧ୍ୟ ସେହି କମ୍ପାନୀରେ ମ୍ୟାନେଜର ଭାବରେ କାମ କରୁଛନ୍ତି । ଚାନ୍ଦା ଦେବା ଯୋଗୁଁ ମୋ ଫ୍ୟାମିଲିର ମୋ ଉପରେ ପ୍ରେସର ରହିଥିଲା ଏବଂ କିଛି ବନ୍ଧୁ ପରିଜନ ମତେ ଥଟ୍ଟା ପରିହାସ କରୁଥିଲେ କିନ୍ତୁ ପ୍ରଭୁଙ୍କର ମୁଁ ଅତ୍ୟନ୍ତ କୃତଜ୍ଞ ଯେ ସେ ମୋତେ କଦାପି ଅର୍ଥାଭାବ ହେବାକୁ ଦେଇନାହାନ୍ତି ।

ଅଷ୍ଟ୍ରେଲିୟାର ମୁରବୀ ସାହେବ ଲେଖିଛନ୍ତି ଆମର ଜଣେ ଖୁଦ୍ଦାମ୍ ଏଥର ତହ୍‌ରିକେ ଜଦିଦ୍‌ର ଚାନ୍ଦା ପଇଠ କରିପାରିଲେ ନାହିଁ । ଯେତେବେଳେ ତାଙ୍କର ଧ୍ୟାନ ଆକର୍ଷିତ କରାଗଲା, ସେ କହିଲେ କୋଭିଡ଼ ଯୋଗୁଁ ମୁଁ ବେରୋଜଗାର ହୋଇ ବସିଛି । ଅର୍ଥର ଘୋର ଅଭାବ ରହିଛି । କିଛି ଦିନ ପରେ ପୁନଃ ସାକ୍ଷାତ କରିବାରୁ ସେ କହିଲେ, ମୁଁ ଘରର କିଛି ସାମଗ୍ରୀ ଚାନ୍ଦା ପଇଠ କରିବାପାଇଁ ବିକ୍ରି କରିଦେଲି । ପୁଣି ସେ କୁହନ୍ତି ଏପରି କରିବା ଦ୍ୱାରା କିଛି ଦିନ ପରେ ମତେ ଚାରୋଟି କଂଟ୍ରାଟ ମିଳିଗଲା ସୁତରାଂ ପୂର୍ବ ଅପେକ୍ଷା ମୋ ରୋଜଗାର ବହୁତ ବଢ଼ିଗଲା । ତେବେ ଏହା ପ୍ରଭୁଙ୍କ ମାର୍ଗରେ ଚାନ୍ଦା ଦେବାର ପ୍ରତିଫଳ ।

ପୁନଶ୍ଚ ସାଉଥ୍ ଅଷ୍ଟ୍ରେଲିୟାର ଅନ୍ୟ ଏକ ସହରର ତହ୍‌ରିକେ-ଏ-ଜଦିଦ୍ ସେକ୍ରେଟାରୀ କୁହନ୍ତି: ଜଣେ ନିଷ୍ଠାପର ଅହେମଦୀ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦା ପଇଠ କରିନଥିଲେ, ତାଙ୍କର ଚାନ୍ଦା ବାକି ଥିଲା । ତାଙ୍କର ଧ୍ୟାନ ଆକର୍ଷିତ କରିବାରୁ ସେ କହିଲେ, ମୁଁ ନିଜ ଘର ବିକ୍ରି କରିବାକୁ ଚେଷ୍ଟା କରୁଛି, ବିକ୍ରି ହୋଇଗଲା ପରେ ମୁଁ ଚାନ୍ଦା ପଇଠ କରିଦେବି । ଦୁଇ ଦିନ ପରେ ତାଙ୍କର ଫୋନ୍ ଆସିଲା ଯେ, ଅଲ୍ଲାଃଙ୍କ କୃପାରୁ ମୋର ଘର ଅସାଧାରଣ ଲାଭରେ ବିକ୍ରି ହୋଇଯାଇଛି । ମୋର ବିଶ୍ୱାସ ଥିଲା ଯେ, ଚାନ୍ଦା ପଇଠ କରିବା ଯୋଗୁଁ ପ୍ରଭୁ ଏଭଳି ସୁଯୋଗ ପ୍ରଦାନ କରିଛନ୍ତି । ଅତଏବ ସେ ନିଜ ୱାଦାଠାରୁ ଛଅଗୁଣ ଅଧିକ ଚାନ୍ଦା ପଇଠ କଲେ । ତେବେ ଏଭଳି ଲାଭରେ ସେ ନିଜର କୌଣସି ଦକ୍ଷତା ମଣୁନାହାନ୍ତି ବରଂ ଏହା ସେହି ଆର୍ଥିକ ବଳିଦାନର ପରିଣାମ । ତେବେ ଏପରି ଚିନ୍ତାଧାରା ଅହେମଦୀମାନଙ୍କ ମନରେ ଉଦ୍ରେଗ ହେଉଛି ଯାହାକି ଅନ୍ୟ କାହା ମନରେ ଆସିନଥାଏ ।

ଆର୍ଜେଂଟାଇନ୍‌ର ମୁବଲିଗ୍ ସାହେବ ଲେଖିଛନ୍ତି ଯେତେବେଳେ ମୁଁ ଅର୍ଥ ଦାନ କରିବାକୁ ଧ୍ୟାନ ଆକର୍ଷିତ କଲି ଏବଂ ଧ୍ୟାନ ଆକର୍ଷିତ କରିବାପାଇଁ ଏକ ପ୍ରବନ୍ଧ ଲେଖିଲି ସେଥିରେ (ମୋର ଅର୍ଥାତ) ହଜୁରଙ୍କର ଖୁତ୍‌ବାର ଶବ୍ଦ ଲେଖିଲେ ଯେ ନବାଗତ ଅହେମଦୀମାନେ ତହ୍‌ରିକେ-ଏ-ଜଦିଦ୍‌ରେ ଅର୍ଥ ଦାନ କରିବା ଜରୁରୀ ଅଟେ ଓ ପୁଣି ସେମାନଙ୍କୁ କହିଲେ ଯେ ତୁମ ନିକଟରେ ଅହେମଦୀୟତର ବାର୍ତା ଆଜି ତହ୍‌ରିକେ ଜଦିଦ୍‌ର ପାଣ୍ଠି ଯୋଗୁଁ ହିଁ ତୁମମାନଙ୍କ ନିକଟରେ ପଂହଚି ପାରିଛି । ସୁତରାଂ ତୁମେମାନେ ଏହି ପାଣ୍ଠିରେ ସାମିଲ ହୁଅ ଏବଂ ନିଜ ଜୀବନକୁ ସୃଙ୍ଖଳିତ କର । ମୁବଲ୍ଲିଗ୍ ସାହେବ ଏହି ବିଷୟବସ୍ତୁଟି ଲେଖା ଆକାରରେ ପ୍ରକାଶିତ କଲେ । ଅର୍ଥାତ ଜମାତ୍‌ର ଲୋକମାନଙ୍କ ସହିତ ସେୟାର କଲେ ପୁଣି ସେ କୁହନ୍ତି ଯେତେବେଳେ ଏହି ବିଷୟବସ୍ତୁ ଜମାତ୍‌ର ସଦସ୍ୟଙ୍କ ନିକଟରେ ପହଂଚିଲା ସେତେବେଳେ ଜଣେ ଖୁଦ୍ଦାମ୍ ଅନସ୍ ଇଜ୍‌କିଲ୍ (Anas Ezequiel) ସାହେବ୍ ମୋ ସହିତ ଯୋଗାଯୋଗ କରି କହିଲେ ମୁଁ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦା ପଇଠ କରିବା ପାଇଁ ମିଶନ୍ ହାଉସ ଆସିବାକୁ ଚାହୁଁଛି । ସ୍କୁଲ୍ ଛୁଟି ହେବାପରେ ପବ୍ଲିକ ବସ୍‌ରେ ଭୀଷଣ ଗ୍ରୀଷ୍ମତାପରେ ଏକଘଂଟା ଯାତ୍ରା କରି ସେ ଆସି ପହଂଚିଲେ ଏବଂ ଏକ ହଜାର ଆର୍ଜେଂଟାଇନ୍

ଅର୍ଥ ତହ୍‌ରିକେ ଜଦିଦ୍‌ର ଚାନ୍ଦା ଆକାରରେ ଦେଲେ । ଏଥିରେ ମୁଁ ଆଶ୍ଚର୍ଯ୍ୟ ହେଲି ଯେ, ଏଭଳି ପରିସ୍ଥିତିରେ ଏବଂ ତାଙ୍କର ଅବସ୍ଥା ମଧ ଏତେଟା ସ୍ୱଚ୍ଛଳ ନୁହେଁ, ଜଣେ ଛାତ୍ର ହୋଇ ମଧ ସେ ଏଭଳି ଅର୍ଥ ଦାନ କରୁଛନ୍ତି । ଅର୍ଥାତ ଚାନ୍ଦା ପଇଠ କରୁଛନ୍ତି । ତାଙ୍କ ପାରିବାରିକ ସ୍ଥିତି ମଧ୍ୟ ସେତେଟା ସ୍ୱଚ୍ଛଳ ନଥିଲା । ସେ କୁହନ୍ତି ଅର୍ଥାଭାବ ଯୋଗୁଁ ମୁଁ ସେଦିନ ସ୍ୱୟମ ଦ୍ୱିପ୍ରହରେ ଭୋଜନ ମଧ କରିନଥିଲି ତାଙ୍କୁ ପଚାରିବାରୁ ସେ ଏକଥା କହିଲେ ଯେ, ତାଙ୍କ ମନରେ ଉପସ୍ଥିତ ଖଲିଫାଙ୍କ ଏହି ଉଦ୍ଧୃତାଂଶ ଗଭୀର ଭାବରେ ରେଖାପାତ କରିଥିଲା ଯେ, ନବାଗତ ଅହେମଦୀମାନଙ୍କୁ ମଧ ତହ୍‌ରିକେ-ଏ-ଜଦିଦ୍‌ରେ ଏଥିପାଇଁ ସାମିଲ ହେବା ଉଚିତ ଯେ, ସେମାନଙ୍କ ନିକଟରେ ଅହେମଦୀୟତର ସନ୍ଦେଶ ତହ୍‌ରିକେ ଜଦିଦ୍ ଯୋଗୁଁ ହିଁ ପହଂଚିଛି । ଗୋଟିଏ ପଟେ ମୁଁ ଏହି ଲେଖା ପଢ଼ିଲି ଓ ଅପରପକ୍ଷେ ସେହି ଦିନ ପବିତ୍ର କୁର୍‌ଆନ୍ କରିମ୍‌ର ଆୟତ ଅଧ୍ୟୟନ କଲି । ଯହିଁରେ ଅଲ୍ଲାଃ ତାଲା କହିଛନ୍ତି ଯେ ଶୋହଦା (ଅର୍ଥାତ ଶହୀଦ୍ ହୋଇଥିବା) ଲୋକମାନଙ୍କୁ ଓ ସେମାନଙ୍କର ବଳିଦାନକୁ ବ୍ୟର୍ଥ ବୋଲି ମନେକରନାହିଁ । ବରଂ ସେମାନେ ଓ ସେମାନଙ୍କର ବଳିଦାନ ସର୍ବଦା ବଂଚି ରହିଥିବା । ସେ କହିବାକୁ ଲାଗିଲେ ଯେ ମୋ ମନରେ ଏହି ଆକାଂକ୍ଷାଟି ଜାତ ହେଲା ଯେ, ମୁଁ ମଧ୍ୟ ଏହିଭଳି ବଳିଦାନ ଦେବି ଯାହାର ସୁଫଳ ମତେ ମୃତ୍ୟୁ ପରେ ମଧ ଉଜ୍ଜୀବିତ ରଖିବ । ସେ କହିବାକୁ ଲାଗିଲେ ଯେ ମୋର ସମସ୍ତ ପରିବାର, ଯେଉଁମାନେ ସମସ୍ତେ ଏ ପର୍ଯ୍ୟନ୍ତ ଅଣମୁସଲମାନ ଅଛନ୍ତି ମୋର ବିବାହ ବାର୍ଷିକ ଅବସରରେ କିଛି ଟଙ୍କା ଉପହାର ସ୍ୱରୁପ ପ୍ରଦାନ କରିଥିଲେ ସୁତରାଂ ଉକ୍ତ ଅର୍ଥ ମଧ୍ୟରୁ ମୋ ନିକଟରେ ଯାହା କିଛି ବଂଚିଥିଲା ସେ ସବୁକୁ ମୁଁ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦାରେ ପଇଠ କରିଦେଲି । କାରଣ ଏହି ତହ୍‌ରିକେ-ଏ-ଜଦିଦ୍‌ର ଅର୍ଥ ଜରିଆରେ ମୋ ନିକଟରେ ଯେଉଁଭଳି ଭାବରେ ଅହେମଦୀୟତର ସନ୍ଦେଶ ପହଂଚିଛି, ସେହିଭଳି ଅନ୍ୟମାନଙ୍କ ନିକଟରେ ମଧ ଅହେମଦୀୟତର ସନ୍ଦେଶ ପହଂଚୁ । ଅହେମଦୀ ହେବା ପରେ ଏହା ହେଉଛି ଲୋକମାନଙ୍କ ମଧରେ ସେହି ବୈପ୍ଲବିକ ଜାଗରଣ ଯାହାକି ସେହି ନବାଗତ ଅହେମଦୀମାନଙ୍କ ମନରେ ଉତ୍ପନ୍ନ ହୋଇଛି ।

ନବାଗତ ହୁଅନ୍ତୁ ଅବା ପୁରାତନ ଅହେମଦୀ ହୁଅନ୍ତୁ ଯେତେବେଳେ କୌଣସି ବ୍ୟକ୍ତି ଏହା ଶୁଣେ ଯେ ଯମାତ୍ ଅହେମଦୀୟା କିଭଳି ଓ କେଉଁଠି ସେମାନଙ୍କର ଅର୍ଥକୁ ଖର୍ଚ୍ଚ କରିଥାନ୍ତି ସେତେବେଳେ ସେମାନଙ୍କ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିଥାଏ । ଯଦି କୌଣସି ଯମାତ୍‌ରେ ଏଥିପ୍ରତି ସ୍ୱଳ୍ପ ଧ୍ୟାନ ରହିଛି ତେବେ ସେ ପରିପ୍ରେକ୍ଷୀରେ ସେମାନେ ଏଥିପ୍ରତି ଦୃଷ୍ଟି ଆକର୍ଷିତ କରିବା ଉଚିତ ଏବଂ ସେମାନେ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାନ୍ତୁ ଏବଂ ଏହି ଉଦ୍ଦେଶ୍ୟର ମହତ୍ୱକୁ ଅନ୍ୟମାନଙ୍କ ଆଗରେ ପରିପ୍ରକାଶ କରନ୍ତୁ । ଫଳତଃ ଜଦିଦ୍‌ର ଅର୍ଥ ଜରିଆରେ ଏଭଳି କରିବା ଦ୍ୱାରା ସେମାନଙ୍କର ଚାନ୍ଦା ମଧ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 16 Dec 2021 Issue No. 50**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)


ଅଭିବୃଦ୍ଧି ଘଟିବ । ସେ ଯାହା ହେଉ ନା କାହିଁକି ଲାଇବେରିୟାର ଆଉ ଏକ ଘଟଣା ଶୁଣିନିଅନ୍ତୁ । ମୁର୍ତେଜା ସାହେବ ନାମକ ଜଣେ ସ୍ଥାନୀୟ ମୁଅଲ୍ଲିମ୍ ସାହେବ ଗୋଟିଏ ଜମାତ୍‌ରେ ଅଛନ୍ତି । ଯେଉଁ ଯମାତ୍‌ର ଅଧିକାଂଶ ଲୋକେ ଖ୍ରୀଷ୍ଟିୟାନ୍ ଧର୍ମ ଛାଡ଼ି ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛନ୍ତି । ଯେତେବେଳେ ମୁଅଲ୍ଲିମ୍ ସାହେବ ତହ୍‌ରିକେ-ଏ-ଜଦିଦ୍ ପ୍ରସଙ୍ଗରେ ଯମାତଗୁଡ଼ିକୁ ଗସ୍ତ କରୁଥିଲେ ଓ ସେହି ଗ୍ରାମରେ ପହଂଚିଲେ ସେତେବେଳେ ଦ୍ୱିପ୍ରହରର ସମୟ ହୋଇଥିଲା ଓ ଅଧିକାଂଶ ଲୋକ ବାହାରେ ନିଜ ବିଲବାଡ଼ିରେ ଯାଇ କାମ କରୁଥିଲେ । ସେ ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କୁ କହିଲେ ଯେ ଆଜି ରାତି ମୁଁ ଏଇଠି ଅତିବାହିତ କରିବି ଓ ସେ ପର୍ଯ୍ୟନ୍ତ ଏଠାରୁ ଯିବିନାହିଁ ଯେପର୍ଯ୍ୟନ୍ତ ଯମାତର ସଦସ୍ୟମାନେ ଶତପ୍ରତିଶତ ଏହି କଲ୍ୟାଣ ମୟ ତହ୍‌ରିକେ ଜଦିଦ୍‌ରେ ସାମିଲ ନ ହୋଇଛନ୍ତି । ସଂନ୍ଧ୍ୟାବେଳେ ଯେବେ ଗ୍ରାମବାସୀମାନେ ନିଜ କାମ ସାରି ଘରକୁ ଫେରିଲେ ସେତେବେଳେ ସେ ସମଗ୍ର ଯମାତ ସମ୍ମୁଖରେ ତହ୍‌ରିକେ-ଏ-ଜଦିଦ୍‌ର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କଲେ, ସମସ୍ତଙ୍କୁ ସାମିଲ ହେବାପାଇଁ ଆହ୍ୱାନ ଦେଲେ ଫଳତଃ ଅଲ୍ଲାଃ ତାଲାଙ୍କ କୃପାରୁ ସମସ୍ତ ଅହେମଦୀ ମହିଳା ଓ ପୁରୁଷମାନେ ପରସ୍ପରଠାରୁ ଆଗକୁ ବଢ଼ି ତହିଁରେ ଅଂଶଗ୍ରହଣ କଲେ । ପରବର୍ତୀ ଦିନ ସକାଳେ ଯେତେବେଳେ ସେ ଫେରିବାକୁ ବାହାରିଲେ ସେତେବେଳେ ଗାଁର ଲୋକମାନେ କହିଲେ ଯେ ଅଲ୍‌ଫାନୁସ୍ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦୁଇମାସ ଧରି ବିଲରେ ରହି ଆସୁଛନ୍ତି ଏବଂ ତହ୍‌ରିକେ ଜଦିଦ୍‌ରେ ସାମିଲ ହୋଇପାରି ନାହାନ୍ତି । କିନ୍ତୁ ଆପଣ ତାଙ୍କ ପର୍ଯ୍ୟନ୍ତ ପହଂଚି ପାରିବେ ନାହିଁ କାରଣ ତାଙ୍କର ଜମି ଅନେକ ଦୁରରେ ଅବସ୍ଥିତ । ଦ୍ୱିତୀୟତଃ ବର୍ଷା ଯୋଗୁଁ ବାଟ ମଧ୍ୟ ବହୁତ ଖରାପ ହୋଇଯାଇଛି । ମୁଅଲ୍ଲିମ୍ ସାହେବ କହିଲେ, ମୁଁ ତାଙ୍କ ପର୍ଯ୍ୟନ୍ତ ନିଶ୍ଚିତ ପହଂଚିବି କାରଣ ଆପଣଙ୍କ ଯମାତ୍‌ର ଶତପ୍ରତିଶତ ଲୋକମାନେ ଏହି ତହ୍‌ରିକେ-ଏ-ଜଦିଦ୍‌ରେ ଅବଶ୍ୟ ସାମିଲ ହେବେ । ଯମାତର ଲୋକମାନେ ଅଟକାଇବାକୁ ବହୁତ ଚେଷ୍ଟା କଲେ କିନ୍ତୁ ସେ ନିଜ ଜିଦ୍‌ରେ ଅଟଳ ରହିଲେ ଏବଂ ସେହି ଲୋକ ନିକଟକୁ ବାହାରିଗଲେ । ସେ ଯାହା ହେଉ ନା କାହିଁକି ଆଉ କେତେକ ସଦସ୍ୟମାନେ ମୁଅଲ୍ଲିମ୍ ସାହେବଙ୍କ ସହିତ ସାମିଲ ହୋଇଗଲେ । ଅଢ଼େଇ ଘଂଟାର ପଦଯାତ୍ରା କରିବା ପରେ ଯେତେବେଳେ ଲୋକମାନେ ସେ ଉକ୍ତ ବ୍ୟକ୍ତି ନିକଟରେ ପହଂଚିଲେ ସେତେବେଳେ ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ ଓ ବହୁତ ଖୁସି ମଧ୍ୟ ହେଲେ ଅତଏବ ସେ ଯଥାଶିଘ୍ର ତହ୍‌ରିକେ-ଏ-ଜଦିଦ୍‌ରେ ଚାନ୍ଦା ପଇଠ କରିଦେଲେ । ଅଲ୍‌ଫାନୁସ୍ ସାହେବଙ୍କର ପତ୍ନି ଓ ପିଲାମାନେ ମଧ୍ୟ ତାଙ୍କ ସହିତ ରହୁଥିଲେ । ତାଙ୍କ ସ୍ତ୍ରୀ ବର୍ତମାନ ସୁଦ୍ଧା ଅହେମଦୀ ହୋଇନଥିଲେ କିନ୍ତୁ ଏହି ସମସ୍ତ ଦୃଶ୍ୟକୁ ଦେଖି ତାଙ୍କର ପତ୍ନୀ କହିଲେ, ମୁଁ ଅହେମଦୀମାନଙ୍କର ଧର୍ମ ସେବା ପ୍ରତି ଥିବା ଆବେଗ ଓ ଉତ୍ସାହକୁ ଦେଖି ବହୁମାତ୍ରାରେ ପ୍ରଭାବିତ ତେଣୁ ଆଜି ମୁଁ ମଧ୍ୟ ଏହି ଯମାତରେ ସାମିଲ ହେଉଛି ଏବଂ ମୋର ସନ୍ତାନମାନେ ମଧ୍ୟ ଏହି ଯମାତରେ ସାମିଲ ହେଉଛନ୍ତି । ଏହିପରି ଭାବରେ ତହ୍‌ରିକେ-ଏ-ଜଦିଦ୍‌ର ଏହି କଲ୍ୟାଣମୂଳକ ଚାନ୍ଦା ଯୋଗୁଁ ଏକ ପରିବାରକୁ ଯମାତରେ ସାମିଲ ହେବାର ସୌଭାଗ୍ୟ ମିଳିଗଲା ।

ବୟତ କରିବା ପରେ କିଭଳି ଲୋକମାନଙ୍କୁ ହୃଦବୋଧ ହୋଇଥାଏ ଯେ ଆର୍ଥିକ ବଳିଦାନ କେତେ ଆବଶ୍ୟକ । ମାଲିରୁ ମୁବଲ୍ଲିଗ୍ ସାହେବ ଲେଖିଛନ୍ତି:- ସୟେଡୁ ସାହେବ୍ ନାମକ ଜଣେ ବ୍ୟକ୍ତି ଗୋଟିଏ ରିଜିଅନ୍‌ରେ ଅଛନ୍ତି । ସେ ଦିନେ କିତା ନାମକ ଅହେମଦୀ ମିଶନ ହାଉସ୍‌କୁ ନିଜର ତତହ୍‌ରିକେ ଜଦିଦ୍‌ର ଚାନ୍ଦା ପଇଠ କରିବାକୁ ଆସିଲେ । ସେ କୁହନ୍ତି ତହ୍‌ରିକେ-ଏ-ଜଦିଦ୍‌ର ଆର୍ଥିକ ବର୍ଷ ଶେଷ ହେବାକୁ ବସିଥିଲା ମୁଁ ଅନେକ ଦିନ ହେଲା ଚିନ୍ତିତ ଥିଲି ଏବଂ ପ୍ରଭୁଙ୍କୁ ଡ଼ାକୁଥିଲି ଯେ ହେ ପ୍ରଭୁ ମତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେପରି ମୁଁ ତହ୍‌ରିକେ-ଏ-ଜଦିଦ୍‌ରେ ନିଜ ପ୍ରତିଶୃତି ଅନୁଯାୟୀ ଚାନ୍ଦା ପଇଠ କରିପାରିବି । ଅଲ୍ଲାଃ ତାଲା ଆଜି ମତେ ଏହି ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ମୁଁ ଆଜି ଚାନ୍ଦା ପଇଠ କରିବାକୁ ଆସିଛି । ତାଙ୍କର ଗୋଡ଼ ଖରାପ ଥିଲା ଓ ସେ ଭିନ୍ନକ୍ଷମ ଥିଲେ । ତେଣୁ ତାଙ୍କୁ କୁହାଗଲା ଯେ ଆପଣ କାହିଁକି କଷ୍ଟ କରି ଆସିଲେ ? ଆମକୁ କହିଥାନ୍ତେ ଚାନ୍ଦା ଧରି ଆସିଥାନ୍ତୁ । କିନ୍ତୁ ସେ ବହୁତ ଉତ୍ସାହିତ ଓ ଆବେଗପୂର୍ଣ୍ଣ ସ୍ୱରରେ କହିଲେ, ମୁଁ ଇମାମ ମେହେଦୀଙ୍କୁ ସ୍ୱୀକାର କରିଛି ତେଣୁ ମୋର ଶାରିରୀକ ଦୃବଳତା ଥିବା ସତ୍ୱେ ମଧ୍ୟ ମୁଁ ନିଜକୁ ସୁସ୍ଥ ଲୋକମାନଙ୍କଠାରୁ ମଧ୍ୟ ଅଧିକ ଶ୍ରେୟସ୍କର ତଥା ଉତମ ବୋଲି ମଣୁଛି ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ମୋ ମନରେ ଧର୍ମ ପ୍ରତି ଆନ୍ତରିକତା ଓ ପ୍ରେମାଭାବ ରହିଛି ସମ୍ଭବତଃ ଏଭଳି ଅବସ୍ଥାରେ ମୋର ଅଲ୍ଲାଃ ତାଲାଙ୍କର ଧର୍ମର ଉନ୍ନତି ସକାଶେ ଏଠାକୁ ପାଦରେ ଚାଲିକି ଆସିବା ଅଲ୍ଲାଃ ତାଲାଙ୍କ ନିକଟରେ ଗ୍ରହଣୀୟ ହୋଇଯିବ ଏବଂ ଅଲ୍ଲାଃ ତାଲା ମୋର ଚାନ୍ଦାକୁ ମୋର ବଳିଦାନକୁ ସ୍ୱୀକାର କରିନେବେ ଓ ମୋର ପାପ କ୍ଷମା କରିଦେବେ ।

ବେନିନ୍‌ରୁ ମୁବଲ୍ଲିଗ୍ ସାହେବ୍ ଲେଖିଛନ୍ତି ଯେ ମୁତୁୱାମା ସାହେବ ନାମକ ଜଣେ ସ୍ଥାନୀୟ ମୁଅଲ୍ଲିମ୍ ସାହେବ ଅଛନ୍ତି । ସେ କହିଲେ ଯେ ସେ ନିଜ ଜୋନ୍‌ର ଗୋଟିଏ ନୂଆ ଜମାତ୍‌କୁ ଗସ୍ତ କଲେ ଯେଉଁଠାରେ ଲୋକମାନେ ନୂଆ ଅହେମଦୀ ଥିଲେ । ସେଠାକାର ସଦର ଯମାତ୍ ଇସ୍‌ମାଇଲ୍ ସାହେବ କହିଲେ, ଆମେମାନେ ପ୍ରାରମ୍ଭରୁ ହିଁ ମୁସଲମାନ ଥିଲୁ ଓ ସର୍ବଦା ପ୍ରତ୍ୟେକ ବର୍ଷ କିଛି ନା କିଛି ଆର୍ଥିକ ବଳିଦାନ କରିଥାଉ । କିନ୍ତୁ ଏହା ପ୍ରଥମ ବର୍ଷ ଥିଲା ଯେ, ଆମେମାନେ ଅହେମଦୀ ଭାବରେ ପ୍ରଥମଥର ପାଇଁ ଯମାତ ଅହେମଦୀୟାରେ ଆର୍ଥିକ ବଳିଦାନ କରୁଛୁ । ଏହା ପୂର୍ବରୁ ଆମେମାନେ ଇମାମ୍ ସାହେବଙ୍କୁ ଆମେ ଯାହା କିଛି ଦେଉଥିଲୁ ସେ ତାହା ନିଜର ଖର୍ଚ୍ଚରେ ଲଗାଇ ଦେଉଥିଲେ କିନ୍ତୁ ଆମେମାନେ ଯେତେବେଳେ ଯମାତ ଅହେମଦିୟାର ମୁବଲ୍ଲିଗ୍ ସିଲ୍‌ସିଲାଙ୍କୁ ଆର୍ଥିକ ବଳିଦାନର ବ୍ୟୟ ସମ୍ପର୍କରେ ପ୍ରଶ୍ନ କଲୁ ସେତେବେଳେ ପ୍ରତ୍ୟୁତରରେ ସେ ଆମମାନଙ୍କୁ ଯେଉଁ ମହାନ ଆର୍ଥିକ ବଳିଦାନ ସମ୍ପର୍କରେ ସୁଚନା ଦେଲେ ସେ ସମ୍ପର୍କରେ ପୂର୍ବରୁ ଆମର କୌଣସି ଧାରଣା ନଥିଲା । ସୁତରାଂ ଯମାତ ଏହିଭଳି ଦିଆଯାଇଥିବା ସାଧାରଣ ଅର୍ଥକୁ ମଧ୍ୟ ଅପଚୟ କରିନଥାଏ ବରଂ ଏହି ସାମାନ୍ୟ ଅର୍ଥକୁ ମଧ୍ୟ ସାରା ସଂସାରରେ କରାଯାଉଥିବା କଲ୍ୟାଣମୂଳକ କାର୍ଯ୍ୟରେ ବ୍ୟୟ ହୋଇଥାଏ ଏବଂ ଉନ୍ନତି ମୂଳକ କାର୍ଯ୍ୟ ଓ ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାରରେ ବ୍ୟୟ କରାଯାଇଥାଏ । ଅତଏବ ଜଣେ ବ୍ୟକ୍ତି ଯିଏ କିଛି ଫ୍ରାଙ୍କ ମଧ୍ୟ ଚାନ୍ଦା ଦିଏ ତାହାର ସେ ପ୍ରତିଫଳ ଅଲ୍ଲାଃଙ୍କ ନିକଟରୁ ପ୍ରାପ୍ତ କରିନିଏ । ସୁତରାଂ ଆର୍ଥିକ ବଳିଦାନର ଏହି ମର୍ମକୁ ହୃଦୟଙ୍ଗମ କରି ଆମେମାନେ ତହ୍‌ରିକେ-ଏ-ଜଦିଦ୍‌ରେ ଚାନ୍ଦା ଦେଲୁ ଏବଂ ଆମେମାନେ ଏହା ଅନୁଭବ କଲୁ ଯେ, ଚଳିତ ବର୍ଷ ଆମ ଘରେ ଆର୍ଥିକ ସଙ୍କଟ ମଧ୍ୟ ଆସିଲା ନାହିଁ ଏବଂ ଏ ବର୍ଷ ସନ୍ତାନମାନଙ୍କର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଅନ୍ୟ ବର୍ଷମାନଙ୍କ ତୁଳନାରେ ଭଲ ରହିଲା ଆମ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତିବର୍ଷ ଯାହା ଖର୍ଚ୍ଚ ହୋଇଥାଏ ତାହା ଏ ବର୍ଷ କରିବାକୁ ପଡ଼ିଲା ନାହିଁ । ଆମମାନଙ୍କର ନମାଜରେ ଉପସ୍ଥିତି ମଧ୍ୟ ପୂର୍ବାପେକ୍ଷା ବେଶ୍ ଭଲ ରହିଲା ଓ ଅଲ୍ଲାଃ ତାଲା ଆମମାନଙ୍କୁ ସୁରକ୍ଷା ପ୍ରଦାନ କଲେ । ଅଲ୍ଲାଃଙ୍କର କୃପାର ଏ ବର୍ଷ ମାଲି କୁର୍ବାନୀ କରିବା ପରେ ଆମକୁ ସାନ୍ତ୍ୱନା ଓ ଆତ୍ମସନ୍ତୋଷ ଲାଭ ହେଲା ଯେ ଆମର ଏହି ବଳିଦାନ ବୃଥା ଯିବନାହିଁ । ପୁରି ହଜୁର ଅନୱର ଅ:ବ:ଅ କହିଲେ ବର୍ତମାନ ଲୋକମାନେ କହୁଛନ୍ତି ଯେ ଆଫ୍ରିକାର ଦୂରଦୂରାନ୍ତରେ ବସବାସ କରୁଥିବା ଅଶିକ୍ଷିତ ଲୋକମାନେ ଏହିପରି ମାନସିକତା ରଖନ୍ତି ନାହିଁ କିନ୍ତୁ ଦେଖନ୍ତୁ ସେମାନଙ୍କର କିପ୍ରକାରର ଦୃଢ଼ ଚିନ୍ତାଧାରା ରହିଛି ଓ କିପ୍ରକାରର ନୈତିକ ଚିନ୍ତାଧାରା ରହିଛି ଯେ ଏପରି ଚିନ୍ତାଧାରା ବଡ଼ ବଡ଼ ଶିକ୍ଷିତ ଲୋକମାନଙ୍କର ମଧ୍ୟ ମନକୁ ଆସିନଥାଏ ଓ କିଭଳି ଭାବରେ ସେମାନେ ଆର୍ଥିକ ବଳିଦାନର ମହତ୍ୱକୁ ବୁଝୁଛନ୍ତି ଏବଂ ତାହାକୁ ଉପଲବ୍ଧି କରି ସେମାନେ ବଳିଦାନରେ ଆଗକୁ ବଢୁଛନ୍ତି ଏହା ହେଉଛି ସେହି ବିପ୍ଳବ ଯାହା ବୟତ କରିବା ପରେ ଲୋକମାନଙ୍କ ହୃଦୟରେ ସୃଷ୍ଟି ହୋଇଥାଏ ।

ଅଲ୍ଲାଃ ତାଲା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଇସ୍‌ଲାମର ପ୍ରଚାର ପ୍ରସାର ପାଇଁ ବଳିଦାନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆମେ ଆମ ପବିତ୍ର ଆୟ ଓ ଅର୍ଥରୁ ବଳିଦାନ କରିପାରୁ । ଅଲ୍ଲାଃଙ୍କ ନିକଟରେ ଏତିକି କାମନା ରେ ଅଲ୍ଲାଃ ତାଲା ଏହି ବଳିଦାନକୁ ସ୍ୱୀକାର କରନ୍ତୁ ଏବଂ ଆମ ଉପରେ ପ୍ରସନ୍ନିତ ହୁଅନ୍ତୁ ।

ବର୍ତମାନ ମୁଁ ତହ୍‌ରିକେ-ଏ-ଜଦିଦ୍‌ର ନୂତନ ବର୍ଷର ଘୋଷଣା କରିବି ଏବଂ କିଛି ତଥ୍ୟ ମଧ୍ୟ ଉପସ୍ଥାପନ କରିବି । ଅଲ୍ଲାଃ ତାଲାଙ୍କ କୃପାରୁ ତହ୍‌ରିକେ-ଏ-ଜଦିଦ୍‌ର ୮୭ ତମ ବର୍ଷ ଅକ୍ଟୋବର ମାସ ୩୧ ତାରିଖରେ ସମାପ୍ତ ହେଲା ଏବଂ ୮୮ତମ ବର୍ଷ ନଭେମ୍ବର ୧ ତାରିଖରୁ ଆରମ୍ଭ ହୋଇଗଲା । ଅଲ୍ଲାଃଙ୍କ କୃପାରୁ ଏ ବର୍ଷ ତହ୍‌ରିକେ-ଏ-ଜଦିଦ୍‌ର ଆର୍ଥିକ ବଳିଦାନରେ ୧୫.୩ ମିଲିୟନ୍ ପାଉଣ୍ଡ ଯମାତ୍‌ର ଲୋକମାନଙ୍କୁ ବଳିଦାନ କରିବା ପାଇଁ ସୌଭାଗ୍ୟ ମିଳିଲା । ଯାହା ଗତ ବର୍ଷ ତୁଳନାରେ ୮ ଲକ୍ଷ ୪୨ ହଜାର ପାଉଣ୍ଡ ଅଧିକ ।

ସମଗ୍ର ପୃଥିବୀର ଯମାତଗୁଡ଼ିକ ମଧ୍ୟରୁ ଯମାତ୍ ଅହେମଦିୟା ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି । ପାକିସ୍ତାନର ଅର୍ଥନୈତିକ ସ୍ଥିତି ବିପର୍ଯ୍ୟସ୍ତ ହେବା ସତ୍ୱେ ମଧ୍ୟ ପାକିସ୍ତାନ ବାସୀ ଆର୍ଥିକ ବଳିଦାନରେ ବେଶ୍ ଆଗକୁ ବଢ଼ିଛନ୍ତି ସେମାନଙ୍କ ପାଇଁ ଦୁଆ'ରେ ମନେ ରଖିବେ । ଏତଦ୍‌ଭିନ୍ନ ଦେଖିବାକୁ ଗଲେ ଆଜିକାଲି କୌଣସି ନା କୌଣସି ମୋକଦ୍ଦମା ଏବଂ କୌଣସି ନା କୌଣସି ଅହେମଦୀ ବିରୁଦ୍ଧରେ କେଶ୍ କରିଦିଆଯାଇଛି ଓ ସରକାରୀ ଆଇନ୍ ଏହି ନିରୀହ ଅହେମଦୀମାନଙ୍କ ଯଥାସମ୍ଭବ ଉତ୍ପୀଡ଼ନା ଓ ପ୍ରତାଡ଼ିତ କରିବାପାଇଁ ପ୍ରୟସା କରୁଛି । ଅଲ୍ଲାଃ ତାଲା ସେହି ନିଷ୍ପେସିତ ତଥା ଅତ୍ୟାଚାରିତ ଅହେମଦୀମାନଙ୍କ ସମସ୍ୟା ଦୂର କରନ୍ତୁ ଯାହା ଫଳରେ ସେମାନେ ନିଜ ସମସ୍ତ ଆକ୍ଟିଭିଟିଜ୍ ଅତି ସହଜରେ କରିପାରିବେ । ସେମାନେ ନିଜର ଇଜ୍‌ତେମା, ଜ୍‌ଲସା ଆଦି ପ୍ରୋଗ୍ରାମଗୁଡ଼ିକୁ ସ୍ୱାଧିନ ଭାବରେ କରିପାରିବେ ଓ ସେମାନେ ନିଜର ବଳିଦାନର ପରିପ୍ରକାଶ ମଧ୍ୟ କରିପାରିବେ କିନ୍ତୁ ଆମେମାନେ ତ ଅତ୍ୟନ୍ତ ବିବଶ ଯେ ସେମାନଙ୍କର ବଳିଦାନର ଚର୍ଚ୍ଚା ମଧ୍ୟ କରିପାରୁନାହୁଁ ।

ସେ ଯାହା ହେଉ ନା କାହିଁକି ଆହୁରି ଅନେକ ବଳିଦାନକାରୀ ରାଷ୍ଟ୍ରମାନେ ଅଛନ୍ତି ତନ୍ମଧ୍ରୁ ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି ଯେପରି ମୁଁ କହି ଆସିଲି । ଦ୍ୱିତୀୟରେ ବ୍ରିଟେନ୍ ରହିଛି ଓ ସେଥିଅନ୍ତେ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଉଛନ୍ତି ଏପରି ଆମେରିକା, କାନେଡ଼ା, ମଧ୍ୟ ପ୍ରାଚ୍ୟର ଏକ ଦେଶ, ସେଥିଅନ୍ତେ ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଘାନା ଏବଂ ଶେଷରେ ମିଡ଼ିଲ୍ ଇଷ୍ଟର ଆଉ ଏକ ଦେଶ କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ସାମୁହିକ ଆଦାୟ ଦୃଷ୍ଟିରୁ ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ହେଲେ ଘାନା, ନାଇଜେରିଆ, ବୁର୍କିନାଫାସୋ, ତାଞ୍ଜାନିଆ, ସେରେଲିଓନ୍ ଯେପରି କି ମୁଁ ପୂର୍ବରୁ ଏକଥା କହିସାରିଛି ଯେ ସେରେଲିଓନ୍‌ରେ ଆହୁରି ଭଲ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**